## ସଂକ୍ଷେପରେ

### ଶ୍ରୀରାମଚରିତ ମାନସ ପାରାୟଣ



ରାହାମା,୩।୩(ଡି.ଏନ.ଏ.): କୁଜଙ୍ଗ ବ୍ଲକ ଅଧୀନ ରାହାମା ମକରପଡ଼ିଆଠାରେ ସପ୍ତାହ ବ୍ୟାପୀ ଶ୍ରୀରାମଚରିତ ମାନସ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଳପଡ଼ା ଗ୍ରାମରେ ଥିବା ଶ୍ରୀରାମଚରିତ ମାନସ ପରିଷଦ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଦୈନିକ ସନ୍ଧ୍ୟାରେ ବିଶିଷ୍ଟ ପ୍ରବଚକ ସୂର୍ଯ୍ୟକାନ୍ତ ରଥଶର୍ମା, ପ୍ରଫେସର ଅରୁଣ ପଣ୍ଡା, ଶୁଶାନ୍ତ କୁମାର ବାଗଚୀ ପ୍ରମୁଖ ଯୋଗଦେଇ ପ୍ରବଚନ ପ୍ରଦାନ କରିଥିଲେ ବୋଲି କମିଟି ସଭାପତି ଶାରଦାପ୍ରସାଦ ସାହୁ, ସମ୍ପାଦକ ବାଲୁଙ୍କେଶ୍ୱର ସାହୁ ସୂଚନା ପ୍ରଦାନ କରିଛନ୍ତି। ସ୍ଥାନୀୟ ଜଗନ୍ନାଥ ମଠର ବାବାଜୀ ଦୟାନିଧି ଦାସମହାରାଜ ଓ ରାଜକିଶୋର ଦାସମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବୃକ୍ଷରୋପଣ ନାଁରେ ୫ ଲକ୍ଷ ଆତ୍ମସାତ୍

ନାଉଗାଁ, ୩।୩ (ସ୍ୱ.ପ୍ର.)

ପରିବେଶ ସୁରକ୍ଷା ସହ ନଦୀ ବନ୍ଧ ସୁଦୃଢ଼ କରିବା ଓ ରାସ୍ତା ପାର୍ଶ୍ୱକୁ ସବୁଜ ସୁନ୍ଦର କରିବା ସକାଶେ ବୃକ୍ଷରୋପଣ ପାଇଁ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ଏଥି ନିମନ୍ତେ କେତେକ ସ୍ଥାନରେ ବନ ବିଭାଗକୁ ଦାୟିତ୍ୱ ଦିଆଯାଉଥିବା ବେଳେ କେତେକ ସ୍ଥାନରେ ବ୍ଲକ ପ୍ରଶାସନକୁ ଦାୟିତ୍ୱ ଦିଆଯାଉଛି। ହେଲେ ନାଉଗାଁ ବ୍ଲକ ଗଳଦାରୀ ପଞ୍ଚାୟତ ଅଞ୍ଚଳରେ ଏହି କାର୍ଯ୍ୟରେ ଅନିୟମିତତା କରାଯାଇଥିବା ଓ ଦାୟିତ୍ୱରେ ଥିବା ବନ ବିଭାଗ କର୍ମଚାରୀ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରିଥିବା ସାଧାରଣରେ ଅଭିଯୋଗ ହୋଇଛି। ଅନ୍ୟପଟେ ବୃକ୍ଷରୋପଣ କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳର ଜବ୍‌କାର୍ଡଧାରୀଙ୍କୁ ନିୟୋଜିତ କରାଯିବାର ନିୟମ ରହିଥିଲେ ବି କେତେଜଣ ହାତଗଣତି ଲୋକ ଏଥିରେ କାର୍ଯ୍ୟ କରୁଛନ୍ତି। ଚାରା ଲଗାଯିବା ପରେ ଏହାର ଯତ୍ନ ନିଆ ନଯିବାରୁ ସେଗୁଡ଼ିକ ମରିଯାଉଛି। ତେବେ ବନ ବିଭାଗର ମନଇଚ୍ଛା କାର୍ଯ୍ୟ ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

### ଦେବୀ ନଦୀବନ୍ଧ ରାସ୍ତା



ଦେବୀ ନଦୀ ବନ୍ଧର ଏରେଡା ବଢ଼େଇ ସାହିରୁ ଗଳଦାରୀ ରାସ୍ତା କଡ଼ରେ ଲାଗିଥିବା ଗଛ।

- ରାସ୍ତା ପାର୍ଶ୍ୱରେ ଲାଗିଛି ହାତଗଣତି ଗଛ
- ଚାରା ଲଗାଯିବା ପରେ ଯତ୍ନ ନିଆଯାଉନି

ଗଳଦାରୀ ପଞ୍ଚାୟତକୁ ଯିବାକୁ ହେଲେ ଦେବୀ ନଦୀବନ୍ଧ ରାସ୍ତାଦେଇ ଯିବାକୁ ପଡ଼େ। ନଦୀ ବନ୍ଧ ସୁଦୃଢ଼ କରିବା ସହ ରାସ୍ତାପାର୍ଶ୍ୱ ସବୁଜ ସୁନ୍ଦର କରିବା ସକାଶେ ୨୦୧୮-୧୯ ଆର୍ଥିକ ବର୍ଷରେ ଉକ୍ତ ୧ କି.ମି. ରାସ୍ତା ପାଇଁ ରାଜ୍ୟ ସରକାର ରାଜନଗର ବନ ଉପଖଣ୍ଡକୁ ଦାୟିତ୍ୱ ଦେଇଥିଲେ। ଏରେଡା ବଢ଼େଇ ସାହିରୁ ଗଳଦାରୀ ସାଇ ମନ୍ଦିର ପର୍ଯ୍ୟନ୍ତ ରାସ୍ତାରେ ୪ ଧାଡ଼ି ବୃକ୍ଷରୋପଣ ପାଇଁ ପ୍ରଥମ ପର୍ଯ୍ୟାୟରେ ୪ଲକ୍ଷ ୧ ହଜାର ୪୪ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା। ଉକ୍ତ ଟଙ୍କାରେ ଗଛ ଲଗାଯିବା ସହ ଏହାର ରକ୍ଷଣାବେକ୍ଷଣ ମଧ୍ୟ କରାଯିବା କଥା। ତେବେ ପ୍ରଥମ ପର୍ଯ୍ୟାୟ ଅର୍ଥରେ ଅଣକୁଶଳୀ ଶ୍ରମିକ ବାବଦରେ ୧ ଲକ୍ଷ ୬୫ ହଜାର ୯୮୪ ଟଙ୍କା, ମ୍ୟାଟେରିଆଲ ବାବଦ ୨ ଲକ୍ଷ ୨୯ ହଜାର ୬୯୮ ଟଙ୍କା ଖର୍ଚ୍ଚ କରାଯାଇଛି। ଏଥିସହ ୯୧୨ ଦିନ କାର୍ଯ୍ୟ ଦିବସରେ ୧୫୩ ଜବ୍‌କାର୍ଡଧାରୀ କାର୍ଯ୍ୟ କରିଥିବା ଏମ୍‌ଜିଏନ୍‌ଆର୍‌ଜିଏସ୍ ଅନ୍‌ଲାଇନ ପୋର୍ଟାଲରୁ ତଥ୍ୟ ହସ୍ତଗତ ହୋଇଛି। ସେହିପରି ୨ୟ ପର୍ଯ୍ୟାୟରେ ୧ ଲକ୍ଷ ୮୦ ହଜାର ୭ ଶହ ଟଙ୍କା ଖର୍ଚ୍ଚ କରାଯାଇଛି। ମ୍ୟାଟେରିଆଲ ବାବଦରେ ୯୪ ହଜାର ୫୫୪ ଟଙ୍କା ଓ ଅଣକୁଶଳୀ ଶ୍ରମିକ ବାବଦରେ ୬୬ ହଜାର ୫୫୨ ଟଙ୍କା ଖର୍ଚ୍ଚ କରାଯାଇଥିବା ଦର୍ଶାଯାଇଛି। ପର୍ଯ୍ୟାୟ କ୍ରମେ ଉକ୍ତ ପ୍ରୋଜେକ୍ଟରେ ଅନୁଦାନ ଖର୍ଚ୍ଚ କରାଯାଉଥିବା ବେଳେ ରାସ୍ତା ପାର୍ଶ୍ୱରେ କେତୋଟି ହାତ ଗଣତି ଗଛ ରହିଥିବା ଦେଖାଯାଇଛି। ତେବେ ନଦୀ ବନ୍ଧରେ ଗଛ ନଥିବା ବେଳେ ଏତେ ଟଙ୍କା କିପରି ଖର୍ଚ୍ଚ କରାଗଲା ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷେ ବନ ବିଭାଗ ତରଫରୁ ନଦୀ ବନ୍ଧ ରାସ୍ତାପାର୍ଶ୍ୱ ବୃକ୍ଷରୋପଣ କରାଯାଇଥିଲେ ବି ଏନେଇ କୌଣସି ସୂଚନାଫଳକ ଲଗାଯାଇନାହିଁ, ଯାହା ଫଳରେ କେତେ ଟଙ୍କା କେଉଁ କେଉଁ ଉପାୟରେ ଖର୍ଚ୍ଚ କରାଗଲା, ତହା ସାଧାରଣରେ ଜଣାପଡୁନାହିଁ। ଏ ନେଇ ରାଜନଗର ବନ ଉପଖଣ୍ଡ ସହାୟକ ସଂରକ୍ଷଣ ଅଧିକାରୀ ଅଧୀର ବେହେରାଙ୍କୁ ପଚାରିବାରେ ଏ ବିଷୟରେ ସେ କିଛି ଜାଣି ନାହାନ୍ତି। ଲିଖିତ ଅଭିଯୋଗ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଦୋକାନ ତାଡ଼ି ଚୋରି କରିଥିବା ଅଭିଯୁକ୍ତ ଗିରଫ

ପାରାଦୀପ, ୩।୩ (ସ୍ୱ.ପ୍ର.)

ଅଭୟଚାନ୍ଦପୁର ଥାନା ଅଧୀନ ରଙ୍ଗିଆଗଡ଼ ଓଭରବ୍ରିଜ୍ ତଳେ ଥିବା ଏକ କ୍ୟାବିନ୍‌ରୁ ଗତ ଶନିବାର ରାତିରେ ଚୋରି ହୋଇଥିଲା। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ସେହି ଗ୍ରାମର ବିଜୁ ମାଇତି। ତାଙ୍କଠାରୁ ଏକ ହଜାର ଟଙ୍କା, ଗୋଟିଏ ମୋବାଇଲ ଓ ପାୱାର ବ୍ୟାଙ୍କ ଜବତ କରରାଯାଇଛି। ଏ ନେଇ ୨୩/୨୦ରେ ମାମଲା ହୋଇଛି।

# ଟ୍ରକ୍ ଚାପାରେ ହେଲ୍‌ପର ମୃତ

ପାରାଦୀପ, ୩।୩ (ସ୍ୱ.ପ୍ର.)

ପାରାଦୀପ ଲକ୍ ଥାନା ଅଧୀନ ୫ ନଂ. (କ) ଜାତୀୟ ରାଜପଥର ଦୋଛକିଠାରେ ମଙ୍ଗଳବାର ଏକ ଟ୍ରକ୍ ଚାପାରେ ଅନ୍ୟ ଏକ ଗାଡ଼ିର ହେଲ୍‌ପରଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା କାନପୁର ଥାନା ଅଧୀନ ଓଡ଼ିବନ୍ଧ ଗ୍ରାମର ଭଜମନ ରଣା (୪୦)। ସେ ରାସ୍ତା ପାର ହେଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ପରେ ଲକ୍ ଥାନା ପୋଲିସ୍ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଟ୍ରକ୍ ନଂ. (ଓଡି-୦୪-ଏନ୍୬୨୯୬) କୁ ଜବତ କରିଛି। ତେବେ ଟ୍ରକ୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି।


**ପୂର୍ବ ମଧ୍ୟ ରେଳପଥ**

**ଇ-ଟେଣ୍ଡର ବିଜ୍ଞପ୍ତି**

**ଇ-ଟେଣ୍ଡର ନଂ. ୨୦୧୯/ଡବ୍ଲ୍ୟୁପି/ବିଜିପିଏଲ୍/ଇଏନ୍‌ଜିଜି/ଡବ୍ଲ୍ୟୁଟି-୧୬ (ଖୋଲା)** ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିମ୍ନଲିଖିତ ବିବରଣୀ ଅନୁଯାୟୀ ଇ-ଟେଣ୍ଡର (ଖୋଲା) ଆମନ୍ତ୍ରଣ କରାଯାଉଛି । **(୧) କାର୍ଯ୍ୟର ନାମ ଓ ଏହାର ଅବସ୍ଥିତି:** ବାଘୁପାଳ, ପୂର୍ବତଟ ରେଳପଥଠାରେ ଆର୍‌ଓଏଚ୍ ଶେଡ୍‌ର ନିର୍ମାଣ ସଂକ୍ରାନ୍ତରେ କମ୍ପୋଜିଟ୍ କାର୍ଯ୍ୟ (ସିଭିଲ, ଇଲେକ୍ଟ୍ରିକାଲ, ମେକାନିକାଲ ଓ ଟେଲିକମ୍) ଯାହା ମଧ୍ୟରେ ଆର୍‌ଓଏଚ୍ ଶେଡ୍, ହ୍ୱିଲ୍ ଲେଦ୍ ଶେଡ୍ ଏବଂ ଅନ୍ୟାନ୍ୟ ତତ୍‌ସମ୍ପର୍କିତ ବିଲ୍ଡିଂ (ସର୍ଭିସ୍ ବିଲ୍ଡିଂ ଇତ୍ୟାଦି)ର ନିର୍ମାଣ, ଜଳ ଯୋଗାଣ ପ୍ରଣାଳୀ, ଡ୍ରେନେଜ୍ ପ୍ରଣାଳୀ, ଟ୍ରାକ୍ କାର୍ଯ୍ୟ, ସଡ଼କ କାର୍ଯ୍ୟ, ତତ୍‌ସମ୍ପର୍କିତ ଟେଲିକମ୍ କାର୍ଯ୍ୟ ଅନ୍ତର୍ଭୁକ୍ତ । **(୨) କାର୍ଯ୍ୟର ଆନୁମାନିକ ମୂଲ୍ୟ:** ଟ.୩୨,୯୦,୨୪,୮୨୨.୨୪, **(୩) ଜମା କରାଯିବାକୁ ଥିବା ଅମାନତ ରାଶି:** ଟ.୧୭,୯୫,୧୦୦.୦୦ **(୪) ଇ-ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ତା୨୩।୦୩।୨୦୨୦ରିଖ ୧୩.୦୦ ଘଟିକାରେ, **(୫) ୱେବ୍‌ସାଇଟ୍ ସୂଚନା ଏବଂ ନୋଟିସ୍ ବୋର୍ଡ ଅବସ୍ଥିତି ଯେଉଁଠାରେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ଦେଖାଯାଇପାରିବ ଓ ଡାଉନ୍‌ଲୋଡ୍ କରାଯାଇପାରିବ:** ଟେଣ୍ଡର କେବଳ ଆଇଆରଇପିଏସ୍ ୱେବ୍‌ସାଇଟ୍ **www.ireps.gov.in**ରୁ ଡାଉନ୍‌ଲୋଡ୍ ଓ ବିଡ୍ କରାଯାଇପାରିବ। ଅନ୍ୟ କୌଣସି ସୂଚନା ପାଇଁ ଦୟାକରି ଚିଫ୍ ଇଞ୍ଜିନିୟର୍-I/ୱାର୍କଶପ୍ ପ୍ରୋଜେକ୍ଟସ୍, ଭାରତୀୟ ରେଳପଥ, ଚାମ୍ବର୍ ଭବନ, ୪ର୍ଥ ମହଲା (ଇଞ୍ଜିନିୟରିଂ ବିଭାଗ) ଜେ.ସି. ରୋଡ୍, ପାଟନା-୮୦୦୦୦୧ଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

**ସିଏଓ/ଡବ୍ଲ୍ୟୁପି/ପାଟନା**

**PR/2352/WPO/Engg./T/19-20/40**


# ୨୫ରେ ଜିଲାପାଳ ଅଫିସ ଘେରାଉ

କୁଜଙ୍ଗ,୩।୩(ଡି.ଏନ.ଏ.)

ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ପ୍ରାଇସ, ପ୍ରେଷ୍ଟିଜ ଓ ପେନ୍‌ସନ ଦାବିରେ ବିଭିନ୍ନ ସମୟରେ ଧାରଣା ଦିଆଯାଉଛି। ହେଲେ ଏହାର କୌଣସି ସୁଫଳ ମିଳୁନାହିଁ। ତେଣୁ ଆସନ୍ତା ୨୫ ତାରିଖରେ ଜଗତ୍‌ସିଂହପୁର ଜିଲାପାଳଙ୍କ ଅଫିସ ଘେରାଉ କରାଯାଇ ଏହି ଦାବି ପୂରଣ ପାଇଁ ଆନ୍ଦୋଳନ କରାଯିବ। ଏଥିସହିତ ଏପ୍ରିଲ ୨୬ରେ ରାଜଧାନୀ ଭୁବନେଶ୍ୱରରେ ଏକ ବିରାଟ ଚାଷୀ ସମାବେଶ ଅନୁଷ୍ଠିତ ହେବ। ଏହି ୨ କାର୍ଯ୍ୟକ୍ରମରେ ଶତାଧିକ ଚାଷୀ ଓ ଚାଷୀ ନେତା ଯୋଗଦେବେ। ତେଣୁ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସଙ୍ଗଠନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ କୁଜଙ୍ଗ ବ୍ଲକ ଅଧୀନ କୋଚିଲା ମଠଠାରେ ଅନୁଷ୍ଠିତ ହୋଇଯାଇଛି। କୁଜଙ୍ଗ ବ୍ଲକ ସଂଯୋଜକ ବିଷ୍ଣୁଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ସଂଯୋଜକ ଉମାକାନ୍ତ ଭାରତ, ଜଗତ୍‌ସିଂହପୁର ଜିଲା ସଂଯୋଜକ ଦୁର୍ଗା ସ୍ୱାଇଁ ପ୍ରମୁଖ ଯୋଗଦେଇ କୃଷି ଓ କୃଷକଙ୍କ ସମସ୍ୟା ଏବଂ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଏହାସହିତ ଉପରୋକ୍ତ କାର୍ଯ୍ୟକ୍ରମ ଗୁଡ଼ିକୁ କିପରି ସଫଳ କରାଯିବ ତା' ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୃଷକ ନେତା ଦେବପ୍ରସାଦ ପଟ୍ଟନାୟକ, ବୀରେନ୍ଦ୍ର ବିଶ୍ୱାଳ, ନୂତନ ତ୍ରିପାଠୀ, ବିନୋଦ ନାଥ, ସୌଦାମିନୀ ସ୍ୱାଇଁ ଓ ବାବୁରାମ ଚୌଧୁରୀ ପ୍ରମୁଖ ଶତାଧିକ ଚାଷୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।







**ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କେନ୍ଦ୍ରାପଡ଼ା**

**ପତ୍ର ସଂଖ୍ୟା: 850** — **ତା. 12.02.2020**

**ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନ୍ତର୍ଗତ ବ୍ଲକ୍‌ସ୍ତରୀୟ ଜନଶୁଣାଣି ବୈଠକ ଆର୍ଥିକ ବର୍ଷ ୨୦୧୯-୨୦୨୦ ।**

ଏତଦ୍ୱାରା କେନ୍ଦ୍ରାପଡ଼ା ଜିଲ୍ଲାର ୯ ଗୋଟି ପଞ୍ଚାୟତ ସମିତିର ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ଜିଲ୍ଲାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ବ୍ଲକ୍‌ସ୍ତରୀୟ ଜନଶୁଣାଣି ପାଇଁ ବ୍ଲକ୍‌ସ୍ତରରେ ନିମ୍ନଲିଖିତ ଦିବସ ଧାର୍ଯ୍ୟ କରାଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ହୋଇଥିବା ଅର୍ଥ, ମଜୁରି ପ୍ରଦାନ, କାର୍ଯ୍ୟରେ ଅନିୟମିତତା ଓ ଅନ୍ୟାନ୍ୟ ଆପତ୍ତି ଅଭିଯୋଗର ସମୀକ୍ଷା ଓ ଫୈସଲା କରାଯିବ।

ଏଣୁ ଆପଣମାନଙ୍କୁ ଅନୁରୋଧ ଯେ, ଆପଣମାନେ ଏହି ବ୍ଲକ୍‌ସ୍ତରୀୟ ସମୀକ୍ଷାରେ ଯୋଗଦେଇ ଉପରୋକ୍ତ ଯୋଜନାରେ କାର୍ଯ୍ୟକାରିତାକୁ ନେଇ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ଥିଲେ ଉତ୍ଥାପନ କରିପାରିବେ।

| କ୍ର.ସଂ. | ବ୍ଲକ୍‌ର ନାମ | ଜନଶୁଣାଣି ତାରିଖ | ଜନଶୁଣାଣି ସମୟ | ଜନଶୁଣାଣି ସ୍ଥାନ |
|---|---|---|---|---|
| ୧ | ଆଳି | ୧୧।୦୩।୨୦୨୦ | ୧୧.୦୦ ପୂର୍ବାହ୍ନ | ବ୍ଲକ୍ ଅଫିସ କାର୍ଯ୍ୟାଳୟ |
| ୨ | ଡେରାବିଶ୍ | ୨୦।୦୩।୨୦୨୦ | ୧୧.୦୦ ପୂର୍ବାହ୍ନ | ବ୍ଲକ୍ ଅଫିସ କାର୍ଯ୍ୟାଳୟ |
| ୩ | ଗରଦପୁର | ୧୮।୦୩।୨୦୨୦ | ୧୧.୦୦ ପୂର୍ବାହ୍ନ | ବ୍ଲକ୍ ଅଫିସ କାର୍ଯ୍ୟାଳୟ |
| ୪ | କେନ୍ଦ୍ରାପଡ଼ା | ୨୫।୦୩।୨୦୨୦ | ୧୧.୦୦ ପୂର୍ବାହ୍ନ | ବ୍ଲକ୍ ଅଫିସ କାର୍ଯ୍ୟାଳୟ |
| ୫ | ମହାକାଳପଡ଼ା | ୨୦।୦୩।୨୦୨୦ | ୧୧.୦୦ ପୂର୍ବାହ୍ନ | ବ୍ଲକ୍ ଅଫିସ କାର୍ଯ୍ୟାଳୟ |
| ୬ | ମାର୍ଶାଘାଇ | ୧୩।୦୩।୨୦୨୦ | ୧୧.୦୦ ପୂର୍ବାହ୍ନ | ବ୍ଲକ୍ ଅଫିସ କାର୍ଯ୍ୟାଳୟ |
| ୭ | ପଟ୍ଟାମୁଣ୍ଡାଇ | ୧୩।୦୩।୨୦୨୦ | ୧୧.୦୦ ପୂର୍ବାହ୍ନ | ବ୍ଲକ୍ ଅଫିସ କାର୍ଯ୍ୟାଳୟ |
| ୮ | ରାଜକନିକା | ୧୮।୦୩।୨୦୨୦ | ୧୧.୦୦ ପୂର୍ବାହ୍ନ | ବ୍ଲକ୍ ଅଫିସ କାର୍ଯ୍ୟାଳୟ |
| ୯ | ରାଜନଗର | ୧୧।୦୩।୨୦୨୦ | ୧୧.୦୦ ପୂର୍ବାହ୍ନ | ବ୍ଲକ୍ ଅଫିସ କାର୍ଯ୍ୟାଳୟ |

**ସ୍ୱା./- ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କେନ୍ଦ୍ରାପଡ଼ା**



ପାନୀୟ ଜଳ ଏବଂ ସ୍ୱଚ୍ଛତା ବିଭାଗ
ଜଳ ଶକ୍ତି ମନ୍ତ୍ରଣାଳୟ
ଭାରତ ସରକାର
सत्यमेव जयते

10.3 କୋଟିରୁ ଊର୍ଦ୍ଧ୍ୱ ପରିବାରକୁ ଶୌଚାଳୟର ସୁବିଧା ଦେଇ
ଗ୍ରାମୀଣ ଭାରତ ହୋଇଛି ସ୍ୱଚ୍ଛ ଭାରତ ଏବଂ ଓଡିଏଫ୍ ଭାରତ

स्वच्छ भारत
एक कदम स्वच्छता की ओर

**ଆସନ୍ତୁ, ଏବେ ମିଳିମିଶି ଗଢ଼ିବା ଓଡିଏଫ୍ ପ୍ଲସ୍ ଭାରତ**

"ସ୍ୱଚ୍ଛ ଭାରତର ସଫଳତା ଏକ ସୋପାନ ମାତ୍ର ଏବଂ ଆମର ଉଦ୍ଦେଶ୍ୟ ହେଉଛି ସଫଳତାକୁ ନିରନ୍ତରତାରେ ବଦଳାଇବା।"
- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



ଆମେ ସମସ୍ତେ ସ୍ୱଚ୍ଛ ଭାରତ ମିଶନ୍ (ଗ୍ରାମୀଣ) ଫେଜ୍ 2ରେ ଯୋଗଦେବା ଏବଂ ନିମ୍ନଲିଖିତ ସଂକଳ୍ପ ନେବା:

- ଶୌଚାଳୟର ବ୍ୟବହାର ଓ ରକ୍ଷଣାବେକ୍ଷଣ: ସବୁ ଲୋକ, ସବୁ ଦିନ, ସର୍ବଦା
- କଠିନ ଓ ତରଳ ବର୍ଜ୍ୟବସ୍ତୁର ପ୍ରଭାବୀ ପ୍ରବନ୍ଧନ
- ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ

ସ୍ୱଚ୍ଛ ଭାରତ ମିଶନ୍ (ଗ୍ରାମୀଣ)ର ସଫଳତାର ପ୍ରଭାବ

- ଡାଇରିଆ ଏବଂ ଅପପୁଷ୍ଟିରୁ 3,00,000 ଜୀବନ ରକ୍ଷା (WHO 2018)
- ଖୋଲାରେ ଶୌଚମୁକ୍ତ ଗ୍ରାମଗୁଡ଼ିକରେ ରୋଗ ପିଛା ଖର୍ଚ୍ଚରେ ପ୍ରତି ପରିବାରର ପ୍ରତିବର୍ଷ 50,000 ଟଙ୍କା ସଞ୍ଚୟ (UNICEF 2017)
- 50 କୋଟିରୁ ଅଧିକ ଲୋକଙ୍କ ଶୌଚାଳୟ ପ୍ରୟୋଗ ଦ୍ୱାରା ବ୍ୟବହାର ପରିବର୍ତ୍ତନ

davp 35301/13/0013/1920

**ପ୍ରତ୍ୟେକ କାମ ଦେଶର ନାମରେ**

## ସଂକ୍ଷେପରେ

### ସମୂହ ଅଣ୍ଡାଦାନ ଅପେକ୍ଷାରେ ଅଲିଭ ରିଡଲେ

ରାଜନଗର,୩।୩ (ଡି.ଏନ.ଏ.): ବଙ୍ଗୋପସାଗରର ଗହୀରମଥାରେ ଏବେ ଅଲିଭ ରିଡଲେଙ୍କ ଭିଡ ଜମିବାରେ ଲାଗିଛି। ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ଅନ୍ତଃସତ୍ତ୍ୱା ମା' କଇଁଛମାନେ ସମୂହ ଅଣ୍ଡାଦାନ କରି ପାରନ୍ତି। ସମୁଦ୍ର କୂଳଠାରୁ ୫ କିଲୋମିଟର ଦୂରତାରେ ଏହି କଇଁଛମାନେ ଭାସମାନ ଅବସ୍ଥାରେ ଅଛନ୍ତି। କଇଁଛଙ୍କ ଏନ୍ତୁଡିଶାଳ ଗହୀରମଥାର ବାବୁବାଲି ଦୀପ, ଅଗରନାସୀ ଦୀପ, ସାତଭାୟା ଓ ପେଣ୍ଠର ବିସ୍ତୀର୍ଣ୍ଣ ବେଳାଭୂମିରେ ଅଲିଭରିଡଲେ ପ୍ରତିବର୍ଷ ସମୂହ ଅଣ୍ଡାଦାନ କରିଥାନ୍ତି। ଚଳିତବର୍ଷ ଏଥିପାଇଁ ରାଜନଗର ବନବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବାବୁବାଲି ଦ୍ୱୀପ ସମେତ ବେଳାଭୂମିରେ ୧୬ଟି ଅସ୍ଥାୟୀ କ୍ୟାମ୍ପ କରାଯାଇ ବନକର୍ମଚାରୀମାନେ କଇଁଛଙ୍କ ଆଗମନକୁ ଅପେକ୍ଷା କରିଛନ୍ତି। ଗତ ୨ ଦିନ ମଧ୍ୟରେ ମା'କଇଁଛମାନେ ପେଣ୍ଠ, ବରୁଣେଇ ମୁହାଣ, ଅଗରନାସୀ ଦ୍ୱୀପର ବେଳାଭୂମିରେ ଅଣ୍ଡା ଦେବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ମା' କଇଁଛ ଏହି ପ୍ରକ୍ରିୟାରେ ସାମିଲ ହୋଇଥିବା ଜଣାପଡିଛି।

### ବିଶ୍ୱ ବନ୍ୟଜୀବ ଦିବସ ପାଳିତ
### ବନ୍ୟଜନ୍ତୁ ସୁରକ୍ଷା ଉପରେ ଗୁରୁତ୍ୱ

ରାଜନଗର, ୩।୩ (ଡି.ଏନ.ଏ.): ରାଜନଗର ବନ ବିଭାଗ ପକ୍ଷରୁ ମଙ୍ଗଳବାର ବିଶ୍ୱ ବନ୍ୟଜୀବ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ରାଜନଗର ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲାସ୍ତରୀୟ ଉତ୍ସବରେ ଅତିରିକ୍ତ ବନ ସଂରକ୍ଷକ ହରେକୃଷ୍ଣ ମଲ୍ଲିକ ପୌରୋହିତ୍ୟ କରିଥିଲେ। ସମୟର ବିବର୍ତ୍ତମାନରେ ଅର୍ଥ ସର୍ବସ୍ୱ ମଣିଷ ନିଜର ବିଳାସପୂର୍ଣ୍ଣ ଜୀବନଚର୍ଯ୍ୟା ପାଇଁ ପ୍ରକୃତିର ବରଦାନ ବନ୍ୟ ସଂପଦ ଓ ଏଥିରେ ବସବାସ କରୁଥିବା ନିରୀହ ବନ୍ୟଜନ୍ତୁଙ୍କ ବିନାଶର କାରଣ ସାଜିଛି। ଧୀରେ ଧୀରେ ପ୍ରକୃତିର ବନ୍ଧୁ ଭାବେ ପରିଚିତ ବନ୍ୟଜନ୍ତୁ, ଶାଗୁଣା, ବାଇଚଢେଇ, ଶଙ୍ଖଚିଲ ସମେତ ବହୁ ଉପକାରୀ ପକ୍ଷୀ ଧରାପୃଷ୍ଠରୁ ବିଲୁପ୍ତ ହୋଇ ସାରିଲେଣି। ଏଭଳି ପରିସ୍ଥିତିରେ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବା ସହିତ ସେମାନଙ୍କ ମୁକ୍ତ ଜୀବନଯାପନ ପାଇଁ ଅଭୟାରଣ୍ୟ ସୀମା ସରହଦରେ ଗଢି ଉଠୁଥିବା ବେଆଇନ ଜନବସତି ଓ ଚିଙ୍ଗୁଡି ଘେରି ଉଚ୍ଛେଦ ଉପରେ ପଦକ୍ଷେପ ଗ୍ରହଣ ଆବଶ୍ୟକ। ଫଳରେ ବନ୍ୟଜନ୍ତୁ ମଣିଷ ସମାଜର ଉପକାରରେ ଆସିବେ ବୋଲି ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିବେଶବିତ୍ ହେମନ୍ତ କୁମାର ରାଉତ, ଜିଲା ଇକୋ କ୍ଲବ ମାଷ୍ଟର ଟ୍ରେନର ପ୍ରଫୁଲ୍ଲ କୁମାର ମହାପାତ୍ର, ରାଜନଗର ରେଞ୍ଜ ଅଫିସର ସୁଜିତ କୁମାର ସାହୁ, କନିକା ରେଞ୍ଜ ଅଫିସର ସୁଶ୍ରୀ ସ୍ୱାତୀ ମହାନ୍ତି, ରାଜନଗର ହାଇସ୍କୁଲ ପ୍ରଧାନଶିକ୍ଷକ କ୍ଷୀରୋଦ କୁମାର ମଲ୍ଲିକ, ଡାଙ୍ଗମାଳ ନାଗାନାରାୟଣ ହାଇସ୍କୁଲ ପ୍ରଧାନଶିକ୍ଷକ ମାନସ କୁମାର ମିଶ୍ର, ଜଗନ୍ନାଥ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବନ୍ୟଜନ୍ତୁ, ବଉଳାକୁମ୍ଭୀର, ଅଲିଭରିଡଲେ କଇଁଛ ସୁରକ୍ଷା ସମ୍ବନ୍ଧୀୟ ବକ୍ତୃତା, ପ୍ରବନ୍ଧ ଓ ତର୍କ ପ୍ରଭୃତି ପ୍ରତିଯୋଗିତା ଛାତ୍ରୀଛାତ୍ରଙ୍କ ମଧ୍ୟରେ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବନପାଳ ମହନ୍ତ କୁମାର ମଲ୍ଲିକ, ରଞ୍ଜନ କୁମାର ପାଣି, ସୁନୀଲ ରାଉତରାୟ, ରଞ୍ଜନ କୁମାର ପାଢ଼ୀ ପ୍ରମୁଖ ପରିଚାଳନା କରିଥିଲେ।

### ଶିଶୁ ମଙ୍ଗଳ ସମିତିର ନୂତନ ଅଧ୍ୟକ୍ଷ ନିଯୁକ୍ତ



କେନ୍ଦ୍ରାପଡା ଅଫିସ, ୩।୩: କେନ୍ଦ୍ରାପଡା ଶିଶୁ ମଙ୍ଗଳ ସମିତିର ନୂତନ ଅଧକ୍ଷ ଭାବେ ସହରର ଜଇପୁରା ଗ୍ରାମର ଭଗବତୀ ପ୍ରସାଦ ଦାସଙ୍କୁ ମଙ୍ଗଳବାର ନିଯୁକ୍ତି ପ୍ରଦାନ କରାଯାଇଛି। ରାଜ୍ୟ ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ ପକ୍ଷରୁ ଏନେଇ ନିର୍ଦ୍ଦେଶନାମା (ନଂ- ୩୮୨୭) ପ୍ରକାଶ ପାଇଛି। ନୂତନ ଅଧକ୍ଷ ଦାସ ଏହା ପୂର୍ବରୁ ସହରର ତିନିମୁହାଣୀସ୍ଥିତ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟରେ ଅଧାପକ ଭାବେ କାର୍ଯ୍ୟ କରୁଥିଲେ।

# ହଜାରେ ଅଣ୍ଡାରୁ ଗୋଟିଏ କଇଁଛ ପାଇଥାନ୍ତି ପୂର୍ଣ୍ଣଜୀବନ

କେନ୍ଦ୍ରାପଡା ଅଫିସ,୩।୩

**ଅଲିଭ ରିଡଲେଙ୍କ ଅଣ୍ଡାଦାନ ଆରମ୍ଭ**



ଚଳିତବର୍ଷ ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ଗହୀରମଥା ସମୁଦ୍ରତଟ ଅଞ୍ଚଳରେ ବିରଳ ପ୍ରଜାତିର ସାମୁଦ୍ରିକ କଇଁଛ ଅଲିଭ ରିଡଲେଙ୍କ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି । ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ଥିବା ବାବୁବାଲି, ଅଗରନାସୀ, ବରୁଣେଇ, ପେଣ୍ଠ, ସାତଭାୟାର ବିସ୍ତୀର୍ଣ୍ଣ ବେଳାଭୂମିରେ ଏହି କଇଁଛମାନେ ସମୂହ ଅଣ୍ଡାଦାନ କରିଥାନ୍ତି । ଗୋଟିଏ ଅଲିଭ ରିଡଲେ ଥରକେ ୮୦ରୁ ୧୨୦ ପର୍ଯ୍ୟନ୍ତ ଅଣ୍ଡାଦାନ କରିଥାଏ । ତେବେ ହଜାରେ ଅଣ୍ଡାରୁ ମାତ୍ର ଗୋଟିଏ ଅଲିଭ ରିଡଲେ ୫୦ ବର୍ଷରୁ ଊର୍ଦ୍ଧ୍ୱ ବଞ୍ଚିଥାଏ ବୋଲି ଗହୀରମଥା ରେଞ୍ଜ ଅଫିସର ଦେବାଶିଷ ଭୋଇ କହିଛନ୍ତି । ଅଣ୍ଡା ନଷ୍ଟ ହେବା, ପାଣିପାଗ ପରିବର୍ତ୍ତନ, ସାମୁଦ୍ରିକ ଜୀବଜନ୍ତୁଙ୍କ ଶିକାର, ସମୁଦ୍ର ତଟବର୍ତ୍ତୀ ଅଞ୍ଚଳର ଉନ୍ନତୀକରଣ, ମନୁଷ୍ୟକୃତ ଅନ୍ୟାନ୍ୟ ବାଧା ପାଇଁ ଏହି ବିରଳ ପ୍ରଜାତିର କଇଁଛଙ୍କ ସଂଖ୍ୟା ହ୍ରାସ ହେଉଥିବା ସେ ଦର୍ଶାଇଛନ୍ତି । ତାଙ୍କ ସୂଚନା ମୁତାବକ, ଫ୍ଲାଟବ୍ୟାକ୍ସ, ଲଗରହେଡସ୍, ଗ୍ରୀନ ଟର୍‌ଟଲ, ଲେଦରବ୍ୟାକ୍ସ, ହକ୍‌ସବିଲ୍‌ସ, ଅଲିଭ ରିଡଲେ ଓ କେମ୍ପସ ରିଡଲେ ଆଦି ବିରଳ କଇଁଛ ସାମୂହିକ ଅଣ୍ଡାଦାନ ପାଇଁ ଉପଯୁକ୍ତ ସ୍ଥାନ ଚୟନ କରିଥାନ୍ତି । ଏମାନଙ୍କ ମଧ୍ୟରୁ ଅଲିଭ ରିଡଲେ ବଙ୍ଗୋପୋସାଗରର ଓଡିଶା ତଟବର୍ତ୍ତୀ ଅଞ୍ଚଳକୁ ଅଣ୍ଡାଦାନ ପାଇଁ ନିରାପଦ ମଣିଥାନ୍ତି । ଅଣ୍ଡାରୁ ଶାବକ ଜନ୍ମ ନେବା ପୂର୍ବରୁ ଅନେକ ବିପଦ ରହିଥାଏ । କାରଣ ଅଣ୍ଡା ଓ ଶାବକଙ୍କୁ କଙ୍କଡା, ପକ୍ଷୀ, ସରୀସୃପ ନଷ୍ଟ କରି ଦେବାର ଭୟ ରହିଛି। ସେହିପରି କୁକୁର ଓ ବନ୍ୟଜନ୍ତୁଙ୍କ ଦୃଷ୍ଟି ଏମାନଙ୍କ ଉପରେ ରହିଥାଏ । ଶାବକମାନେ ସାଧାରଣତଃ ଅଣ୍ଡାରୁ ବାହାରିବା ପରେ ଆଲୋକ ଦେଖି ସମୁଦ୍ରକୁ ଯାଇଥାନ୍ତି । ମାତ୍ର କେତେକ ସମୟରେ ଗାଡିର ଉଜ୍ଜ୍ୱଳ ଆଲୋକ ଭଳି ଅନ୍ୟାନ୍ୟ ଆଲୋକ ଉତ୍ସକୁ ଅନୁସରଣ କରି ସମୁଦ୍ରର ବିପରୀତ ମୁହାଁ ହୋଇଥାନ୍ତି । ସେହିପରି ସମୁଦ୍ର କୂଳରେ ପଡିଥିବା ପ୍ଲାଷ୍ଟିକ ବୋତଲ, ବ୍ୟାଗ, ଛତା, ବେଞ୍ଚ ଇତ୍ୟାଦି ସମୁଦ୍ର ଭିତରକୁ ସେମାନଙ୍କୁ ଯିବାରେ ବାଧା ସୃଷ୍ଟି କରିଥାଏ। ଏହାଛଡା ଅଣ୍ଡାକୁ ନିକଟସ୍ଥ କେତେକ ଅଞ୍ଚଳବାସୀ ନେଇଯିବାର ବହୁ ନଜିର ଅଛି । ସେମାନେ ଏହି ଅଣ୍ଡା ଓ ଶାବକକୁ ନେଇ ବ୍ୟବସାୟ କରିଥାନ୍ତି । ସମୁଦ୍ରରେ ପହଞ୍ଚିଗଲେ ମଧ୍ୟ ବିପଦ ଟଳି ନ ଥାଏ । ସମୁଦ୍ର ମଧ୍ୟରେ ମାଛଧରା ସମୟରେ କଇଁଛ ଧରା ପଡିବା ଦେଖାଯାଇଥାଏ । ଗିଲନେଟର ଓ ଟ୍ରଲର ମାଡରେ ଏମାନେ କ୍ଷତାକ୍ତ ହେବା କିମ୍ବା ମରିବା ଦେଖିବାକୁ ମିଳିଥାଏ । କେତେକ ଏହି କଇଁଛ ମାଂସକୁ ଖାଇବା ସହିତ ବେପାର କରିଥାନ୍ତି । ଅନେକ ସମୟରେ ସମୁଦ୍ରରେ ଭାସୁଥିବା ପ୍ଲାଷ୍ଟିକ ଓ ଅନ୍ୟ ବର୍ଜ୍ୟବସ୍ତୁ କଇଁଛ ଖାଇବା ଦ୍ୱାରା ମୃତ୍ୟୁମୁଖରେ ପଡିଥାନ୍ତି । ଏହି କଇଁଛମାନେ ନିଃଶ୍ୱାସ ନେବାକୁ କିଛି ସମୟ ପାଇଁ ସମୁଦ୍ର ଉପରକୁ ଉଠିଥାନ୍ତି । କେତେକ ସ୍ଥାନରେ ତୈଳ ଭାସମାନ ଅବସ୍ଥାରେ ଥିବାରୁ ନିଃଶ୍ୱାସ ନେଇ ନ ପାରି ମରିଥାନ୍ତି । ସେହିପରି ସାମୁଦ୍ରିକ ଜୀବ, ପକ୍ଷୀଙ୍କ ନଜର ଏହି ଶାବକଙ୍କ ଉପରେ ନିବଦ୍ଧ ଥାଏ । ଏମାନଙ୍କୁ ଆହାର କରିବା ଦ୍ୱାରା ବଂଶ ବିସ୍ତାର ହ୍ରାସ ପାଇଥାଏ । ସମୁଦ୍ର କୂଳରେ ବର୍ଜ୍ୟବସ୍ତୁ ନ ଫିଙ୍ଗିବା, ଅଣ୍ଡାଦାନ ସମୟରେ ଉଜ୍ଜ୍ୱଳ ଆଲୋକ ବ୍ୟବହାର ନ କରିବା, ଗଭୀର ସମୁଦ୍ରରେ ମାଛ ଧରୁଥିବା ମତ୍ସ୍ୟଜୀବୀମାନେ ଅଲଟ୍ରା ଭାଓଲେଟ ଡାୟୋଡ ଲାଇଟଯୁକ୍ତ ଜାଲ ବ୍ୟବହାର କଲେ ଏହି ବିରଳ ପ୍ରଜାତି କଇଁଛଙ୍କ ବଂଶ ବିସ୍ତାର ହୋଇ ପାରିବ ବୋଲି ରେଞ୍ଜ ଅଫିସର ଭୋଇ ସୂଚନା ଦେଇଛନ୍ତି । ଏହି ଜାଲ ସମ୍ବନ୍ଧରେ ସେ ସୂଚନା ଦେଇଛନ୍ତି ଯେ, ଜାଲରେ ଲାଗିଥିବା ଡାୟୋଡ ଦ୍ୱାରା କଇଁଛ ଦୂରକୁ ପଳାଇ ଯାଉଥିବା ଦେଖାଯାଉଛି । ପରିବେଶବିତ୍ ହେମନ୍ତ କୁମାର ରାଉତ କୁହନ୍ତି ଯେ, ସ୍ଥାନୀୟ ବନବିଭାଗରେ କର୍ମଚାରୀ ଅଭାବ ସହ ବେଆଇନ ମାଛ ବ୍ୟବସାୟ କଇଁଛର ସୁରକ୍ଷା ପାଇଁ ବାଧକ ହୋଇଛି । ଜିଲାର ଏହି ୪୮ କିଲୋମିଟର ବ୍ୟାପି ସମୁଦ୍ର ତଟବର୍ତ୍ତୀ ଅଞ୍ଚଳକୁ ବନବିଭାଗ ସୁରକ୍ଷା ଯୋଗାଇ ଦେଇ ପାରିନାହାନ୍ତି । ବିଭିନ୍ନ ସ୍ଥାନରେ ଅଲିଭ ରିଡଲେ ମରି ପଡୁଥିବା ଓ କୁକୁର ଖାଉଥିବା ଦୃଶ୍ୟ ଏବେ ସ୍ଥାନୀୟ ଅଞ୍ଚଳରେ ସାଧାରଣ କଥା ହେଉଛି । ବନବିଭାଗ ପକ୍ଷରୁ ଆବଶ୍ୟକ କର୍ମଚାରୀ ନିଯୁକ୍ତି ଦିଆଯିବା ସହିତ ସ୍ଥାନୀୟ ଯୁବକ ସଂଗଠିତ ହୋଇ କଇଁଛକୁ ସମୁଦ୍ର ପଥ ଦେଖାଇଲେ ପ୍ରତିବର୍ଷ ଏହି ବିରଳ ପ୍ରଜାତିର କଇଁଛକୁ ଦେଖିବାକୁ ମିଳିବ ବୋଲି ପରିବେଶବିତ୍ ରାଉତ କହିଛନ୍ତି । ସେହିପରି ଜଳବାୟୁ ପରିବର୍ତ୍ତନ ଆଗାମୀ ଦିନରେ ଏହି ପ୍ରଜାତିର କଇଁଛଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଇବ ବୋଲି ପରିବେଶବିତ୍ ଆଶିଷ କୁମାର ସେନାପତି ଆଶଙ୍କା ପ୍ରକାଶ କରିଛନ୍ତି । ଏଥିପାଇଁ ଜୀବଜନ୍ତୁଙ୍କୁ ଭଲ ପାଇବା ସହିତ ବୃକ୍ଷରୋପଣକୁ ସେ ଗୁରୁତ୍ୱ ଦେଇଛନ୍ତି ।

## ପେନସନର୍ସ ଆସୋସିଏଶନର ସ୍ମାରକପତ୍ର ପ୍ରଦାନ




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କେନ୍ଦ୍ରାପଡା ଅଫିସ, ୩।୩

ଅଲ ଓଡିଶା ଇପିଏଫ (ଏମ୍ପ୍ଲଇଜ୍ ପ୍ରୋଭିଡେଣ୍ଟ ଫଣ୍ଡ) ପେନସନର୍ସ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ସେମାନଙ୍କ ସାମାଜିକ ସୁରକ୍ଷା ସମ୍ପର୍କିତ ସ୍ମାରକପତ୍ର ଏଡିଏମ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ଏ ସମ୍ପର୍କରେ ଆସୋସିଏଶନର କେନ୍ଦ୍ରାପଡା ଜିଲା ସଭାପତି ବସନ୍ତ କୁମାର ଦାଶ ପ୍ରକାଶ କରିଛନ୍ତି ଯେ, ଓଡିଶାରେ ଇପିଏଫ ପେନ୍‌ସନ ଭୋଗୀଙ୍କୁ ମାସକୁ ମାତ୍ର ଏକହଜାର ଟଙ୍କା ପେନସନ ଆକାରରେ ପ୍ରଦାନ କରାଯାଉଛି । ଯାହା ହିତାଧିକାରୀଙ୍କ ପରିବାର ଚଳାଇବା ପାଇଁ ଯଥେଷ୍ଟ ନୁହେଁ। ଏପରି କି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରୁ ଏହି ହିତାଧିକାରୀ ବଞ୍ଚିତ ହେଉଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସର୍ବନିମ୍ନ ମାସିକ ୯ ହଜାର ଟଙ୍କା ସହିତ ଡିଏ ଓ ଟିଆଇ ଦେବାକୁ ଘୋଷଣା କରାଯାଇଥିବା ବେଳେ ମାସିକ ମାତ୍ର ଏକହଜାର ଟଙ୍କା ପେନ୍‌ସନ ଦେବା ଅତ୍ୟନ୍ତ ଦୁଃଖଦାୟକ । ମୂଳ ଦରମା ଅନୁଯାୟୀ ସର୍ବୋଚ୍ଚ ପେନ୍‌ସନ ବ୍ୟବସ୍ଥା, ସର୍ବନିମ୍ନ ମାସିକ ପେନସନ ୯ ହଜାର ଟଙ୍କା ପ୍ରଦାନ ସହିତ ଚିକିତ୍ସା ଭତ୍ତା ଆଦି ଦାବି ଉଠା ଯାଇଥିବା ସଭାପତି ଦାଶ ପ୍ରକାଶ କରିଛନ୍ତି । ସଂଘ ପକ୍ଷରୁ ଏହି ସ୍ମାରକପତ୍ର ପ୍ରଦାନ ପୂର୍ବରୁ ସଦସ୍ୟମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କାହ୍ନୁ ଚରଣ ଦାଶ, ଲୋକନାଥ ରାଉତ, ପୀତାମ୍ବର ମହାନ୍ତି, ଗୋପବନ୍ଧୁ ପତି ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ ।

## ୨୮ରେ ଜିଲା ଓକିଲ ସଂଘ ନିର୍ବାଚନ

କେନ୍ଦ୍ରାପଡା ଅଫିସ,୩।୩

ଆସନ୍ତା ୨୮ ତାରିଖରେ କେନ୍ଦ୍ରାପଡା ଜିଲା ଓକିଲ ସଂଘର ନିର୍ବାଚନ ହେବ । ଏଥିନେଇ ଗତ ୨ ତାରିଖରେ ଜିଲା ସଂଘ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସୂଚନା ଅନୁଯାୟୀ, ୪ ତାରିଖରେ ସଂଘ ଅଧୀନରେ ଥିବା ଭୋଟରଙ୍କ ନାମ ପ୍ରକାଶିତ ହେବ । ୫ ଓ ୬ ତାରିଖରେ ସଂଘର ବିଭିନ୍ନ ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ ହେବ । ୭ ତାରିଖରେ ନାମାଙ୍କନ ପତ୍ରର ଯାଞ୍ଚ ହେବାକୁ ଥିବା ବେଳେ ୧୩ ତାରିଖ ସୁଦ୍ଧା ନାମାଙ୍କନ ପତ୍ର ପ୍ରତ୍ୟାହାର କରାଯାଇପାରିବ । ସଂଘର ବିଭିନ୍ନ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱୀଙ୍କ ନାମ ତାଲିକା ୧୪ରେ ପ୍ରକାଶିତ ହେବ । ୨୮ ତାରିଖରେ ନିର୍ବାଚନ ସହ ଅପରାହ୍ନ ୩ଟାରୁ ଭୋଟ ଗଣତି ହେବ । ଆଇନଜୀବୀ ଚନ୍ଦ୍ରଭାନୁ ବରାଳ ନିର୍ବାଚନ ଅଧିକାରୀ ଭାବେ ଏହି ନିର୍ବାଚନ ପରିଚାଳନା କରିବେ ।

## ୩୨ ଗାଡିକୁ ଚାଲାଣ, ବୋଲେରୋ ଅଟକ



ସହରର ତିନିମୁହାଣୀଠାରେ ଗାଡ଼ି ଧରପଗଡ କରାଯାଉଛି।

କେନ୍ଦ୍ରାପଡା ଅଫିସ,୩।୩

ରବିବାର ଠାରୁ ନୂଆ ମୋଟର ଯାନ ଆଇନ କଡାକଡି ଭାବେ ଲାଗୁ ହୋଇଛି। ମଙ୍ଗଳବାର ଦ୍ୱିତୀୟ ଦିନରେ ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବା ଗାଡି ଚାଳକଙ୍କୁ ଚାଲାଣ କଟାଯାଇଛି । କେନ୍ଦ୍ରାପଡା ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସହରର ତିନିମୁହାଣୀ ନିକଟରେ ଗାଡିଗୁଡିକର ଯାଞ୍ଚ ହୋଇଥିଲା । ଏହି ଯାଞ୍ଚ ସମୟରେ ମୋଟ ୮୦ ହଜାର ଟଙ୍କାର ୩୨ ଗାଡିକୁ ଚାଲାଣ କଟାଯାଇଛି । ଏଥିସହିତ ଓଡି ୨୧ ବି ୯୨୧୧ ବୋଲେରୋ ଗାଡିକୁ ଅଟକ ରଖାଯାଇଛି । ଏହି ଗାଡି ଛାତ୍ରୀଛାତ୍ରଙ୍କୁ ପରିବହନ କରୁଥିବା ବେଳେ ଏନେଇ ଫିଟନେସ୍ ନ ଥିବା ଦେଖା ଯାଇଥିଲା । ଏଥିସହିତ ଅନ୍ୟାନ୍ୟ କାରଣ ପାଇଁ ମୋଟ ୨୫ ହଜାର ୫ଶହ ଟଙ୍କାର ଚାଲାଣ କଟା ଯାଇଛି । ଆରଟିଓ ନିଖିଳ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଚଢାଉରେ ଏଆରଟିଓ ପ୍ରିୟବ୍ରତ ମହାନ୍ତି, ଏମଭିଆଇ ପଦ୍ମଜା ମହାନ୍ତି, ବିଭାଗୀୟ କର୍ମଚାରୀଙ୍କ ସହିତ ସଦର ଥାନା ପୋଲିସ ସାମିଲ ହୋଇଥିଲେ ।

## ଜନଗଣନା ପାଇଁ ତାଲିମ ପ୍ରଦାନ

କେନ୍ଦ୍ରାପଡା ଅଫିସ, ୩।୩

୨୦୨୧ ମସିହା ଜନଗଣନା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଚାର୍ଜ ଅଫିସରଙ୍କୁ ମଙ୍ଗଳବାର ତାଲିମ ପ୍ରଦାନ କରାଯାଇଛି । ରାଜ୍ୟ ଓ ଜିଲା ଜନଗଣନା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ଏଡିଏମ ବସନ୍ତ କୁମାର ରାଉତ ଅଧକ୍ଷତା କରିଥିଲେ । ଏଥିରେ ପ୍ରଶିକ୍ଷକ ଭାବେ ରାଜ୍ୟ କାର୍ଯ୍ୟାଳୟର ମିଳିତା ଦତ୍ତ, ଶତୃଘ୍ନ ନାୟକ ଓ ମାନସ ରଞ୍ଜନ କର ଯୋଗ ଦେଇଥିଲେ । ଜନଗଣନାର ଉପଯୁକ୍ତ ପରିଚାଳନାକୁ ଗୁରୁତ୍ୱ ଦିଆଯାଇଥିଲା । ସୂଚନାଯୋଗ୍ୟ ଯେ, କେନ୍ଦ୍ରାପଡା ଜିଲାରେ ଆସନ୍ତା ୧୧ରୁ ୧୫ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପି ଜନଗଣନା କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ଜିଲାର ୪୩ ଫିଲଡ ଟ୍ରେନରଙ୍କୁ ସ୍ଥାନୀୟ ଉର୍ଦ୍ଦୁ ପାଠାଗାରରେ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏହି ତାଲିମ କାର୍ଯ୍ୟକ୍ରମରେ ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର, ସହକାରୀ ଜିଲାପାଳ ସସ୍ମିତ ଶତପଥୀ, ଅଙ୍କିତା ଆନନ୍ଦିତା, ଜିଲାର ସମସ୍ତ ତହସିଲଦାର, ବିଡିଓ, ପୌର ନିର୍ବାହୀ ଅଧିକାରୀ, ଜିଲା ଓ ବ୍ଲକ ଶିକ୍ଷା ଅଧିକାରୀ ପ୍ରମୁଖ ସାମିଲ ହୋଇଥିଲେ ।

## ୪୦ ପରୀକ୍ଷା କେନ୍ଦ୍ରରେ ୧୨,୨୧୮ ପରୀକ୍ଷାର୍ଥୀ

କେନ୍ଦ୍ରାପଡା ଅଫିସ, ୩।୩

**ଯୁକ୍ତ ୨ ପରୀକ୍ଷା ଆରମ୍ଭ**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଯୁକ୍ତ ୨ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି । ଏହା ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ । କେନ୍ଦ୍ରାପଡା ଜିଲାର ୪୦ ପରୀକ୍ଷା କେନ୍ଦ୍ରରେ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ମୋଟ ୧୨,୨୧୮ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। କଳା ବିଭାଗ ରେଗୁଲାର ପରୀକ୍ଷାର୍ଥୀ ୬,୭୮୩ ଥିବା ବେଳେ ଏକ୍ସ-ରେଗୁଲାରରେ ୮୩୬ ପରୀକ୍ଷାର୍ଥୀ ଅଛନ୍ତି । ବିଜ୍ଞାନରେ ୨୬୫୫ ଓ ବାଣିଜ୍ୟ ବିଭାଗ ରେଗୁଲାରରେ ୧,୦୬୭ ଓ ଏକ୍ସ ରେଗୁଲାରରେ ୧୨୩ ଜଣ ପରୀକ୍ଷାର୍ଥୀ ଅଛନ୍ତି । ସେହିପରି ଧନ୍ଦାମୂଳକ ବିଭାଗରେ ୨୯୪ ଜଣ ପରୀକ୍ଷାର୍ଥୀ ଥିବା ସୂଚନା ମିଳିଛି । କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ର ଅଧୀନରେ ୧୦ ପରୀକ୍ଷା କେନ୍ଦ୍ର, ମାର୍ଶାଘାଇ କଲେଜ ଅଧୀନରେ ୫ କେନ୍ଦ୍ର, ଏଲଏନ କଲେଜ ଅଧୀନରେ ୭ଟି କେନ୍ଦ୍ର ଅଛି । ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ ଅଧୀନରେ ୭ଟି, ମଦନପୁର କଲେଜ ଅଧୀନରେ ୪ଟି, ଆଳି କଲେଜ ଅଧୀନରେ ୩ଟି ଏବଂ ରାଜକନିକାର ଏସଏନ କଲେଜ ଅଧୀନରେ ୪ଟି କେନ୍ଦ୍ର ହୋଇଛି। ପରୀକ୍ଷାର ସୁପରିଚାଳନା ପାଇଁ ଜିଲାପାଳଙ୍କ ପକ୍ଷରୁ ପ୍ରତି ପରୀକ୍ଷା କେନ୍ଦ୍ର ପାଇଁ ଜଣେ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ପରୀକ୍ଷା କେନ୍ଦ୍ର ମଧ୍ୟକୁ ମୋବାଇଲ ଏବଂ ଇଲୋକ୍ଟ୍ରୋନିକ ଘଡି ନେବାକୁ ବାରଣ କରାଯାଇଛି । ପ୍ରଶ୍ନ ପତ୍ରର ସୁରକ୍ଷା ପାଇଁ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ମାର୍ଶାଘାଇ ମହାବିଦ୍ୟାଳୟ, ପାଟକୁରାର ଏଲଏନ କଲେଜ, ପଟ୍ଟାମୁଣ୍ଡାଇ କଲେଜ, ମଦନପୁର ୟୁ.କେ ମହାବୀର କଲେଜ, ଆଳି କଲେଜ ଓ ରାଜକନିକାସ୍ଥିତ ଶୈଳେନ୍ଦ୍ର ନାରାୟଣ କଲେଜ ହବ୍ ହୋଇଛି । ବିଇଓ, ତହସିଲଦାର ପ୍ରମୁଖ ଏହି ହବ୍ ତଦାରଖ କରୁଛନ୍ତି । କପି ରୋକିବା ପାଇଁ ଦ୍ୱିସ୍ତରୀୟ ଚେକିଂ ବ୍ୟବସ୍ଥା ହୋଇଥିବା ଜିଲା ନୋଡାଲ ଅଧିକାରୀ ରାମଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି ।

# ଦୃଷ୍ଟି ଆଢୁଆଳରେ ବିଦୁର ମନ୍ଦିର

ଡେରାବିଶ,୩।୩(ସ୍ୱ.ପ୍ର.)





ଡେରାବିଶ ବ୍ଲକ ଅନ୍ତର୍ଗତ ଅରାଖଣ୍ଡ ଗ୍ରାମରେ ଥିବା ବିଦୁର ମନ୍ଦିର।

ଉତ୍କଳୀୟ ସଂସ୍କୃତିକୁ ମହାଭାରତ ଗ୍ରନ୍ଥ ଅଧିକ ଋଦ୍ଧିମନ୍ତ କରିଛି । ପ୍ରତ୍ୟେକ ଉତ୍କଳୀୟଙ୍କ ବିଶ୍ୱାସର ପ୍ରତୀକ ହେଉଛି ଏହି ଗ୍ରନ୍ଥ । ଏଥିରେ ଉଲ୍ଲେଖ ଥିବା ଦ୍ୱାପର ଯୁଗର କଥାବସ୍ତୁ ଏବେ ବି ପ୍ରତ୍ୟେକ ଓଡିଆଙ୍କ ମଧ୍ୟରେ ଉଜ୍ଜୀବିତ ହୋଇ ରହିଛି । କେନ୍ଦ୍ରାପଡା ଜିଲାର ଅନ୍ୟତମ ପ୍ରମୁଖ ଧର୍ମପୀଠ ଭାବେ ଡେରାବିଶ ବ୍ଲକ ଅନ୍ତର୍ଗତ ଅରାଖଣ୍ଡ ଗ୍ରାମରେ ଥିବା ବିଦୁର ମନ୍ଦିର ଜଣାଶୁଣା । ଏହି ମନ୍ଦିର ବହୁ ପ୍ରାଚୀନ । ଉକ୍ତ ଗ୍ରାମର ବଟକୃଷ୍ଣ ସାମଲଙ୍କ ସୂଚନା ଅନୁଯାୟୀ ୧୩୪୧ ସାଲରେ ଏହି ମନ୍ଦିର ନିର୍ମିତ ହୋଇଥିବା ଜନଶ୍ରୁତି ରହିଛି । ଏହି ମନ୍ଦିର ନିକଟରେ ପାଣ୍ଡବ ପାଞ୍ଚଭାଇଙ୍କ ସମେତ ମା' କୁନ୍ତି, ଶ୍ରୀ ଦ୍ରୌପଦୀଙ୍କ ମନ୍ଦିର ରହିଛି । ମନ୍ଦିରକୁ ଲାଗି ରହିଛି ଅନନ୍ୟ ପରମ୍ପରାର ସ୍ମୃତି ବହନ କରୁଥିବା ଓଲକଣା ମେଳଣ ପଡିଆ । ମେଳଣ ପଡିଆରେ ରହିଛି ଶ୍ରୀକୃଷ୍ଣଙ୍କ ଅନ୍ୟତମ ଅନ୍ତରଙ୍ଗ ଭକ୍ତ ଉଦ୍ଧବଙ୍କ ମନ୍ଦିର । ଏଥିସହିତ ପଡିଆ ମଧ୍ୟରେ ମା' କ୍ଷେତ୍ରକାଳୀ, ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ରହିଛି । ସେହିପରି ଗୁରୁ ଦ୍ରୋଣାଚାର୍ଯ୍ୟ, ହନୁମାନ ଓ ଅଷ୍ଟଶମ୍ଭୁଙ୍କ ମନ୍ଦିର ମଧ ରହିଛି । ଏହି ସମସ୍ତ ତଥ୍ୟକୁ ଆଧାର କରି ବହୁ ଗବେଷକ କହିଛନ୍ତି ଯେ, ପାଣ୍ଡବ ପାଞ୍ଚଭାଇଙ୍କ ଅଜ୍ଞାତ ବନବାସର କାହାଣୀ ସହିତ ଏହି ସ୍ଥାନର ସମ୍ପର୍କ ଅତ୍ୟନ୍ତ ନିବିଡ ବୋଲି ଜନଶ୍ରୁତି ରହିଛି ।

ତଦନୁଯାୟୀ ଘଞ୍ଚ ଜଙ୍ଗଲ ମଧ୍ୟରେ ଭକ୍ତ ବିଦୁର ନିଜ ଆଶ୍ରମରେ ଭଗବାନ ଶ୍ରୀକୃଷ୍ଣଙ୍କୁ ଆତିଥ୍ୟ ପ୍ରଦାନ କରିଥିଲେ । ସେଠାରେ ଶ୍ରୀକୃଷ୍ଣ ଶାଗଭଜା ଓ ପଖାଳ ଖାଇବା ପରେ ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିର ବ୍ରାହ୍ମ ମୁହୂର୍ତ୍ତରେ ହରିହର ମିଳନ ଦୃଶ୍ୟ ଦର୍ଶନ କରିବେ ବୋଲି ବିଦୁରଙ୍କୁ ବର ପ୍ରଦାନ କରିଥିଲେ । ଏହି ତଥ୍ୟକୁ ଆଧାର କରି ଓଲକଣା ମେଳଣ ଆରମ୍ଭ ହୋଇଥିବା ଜନଶ୍ରୁତି ରହିଛି । ଶୁକ୍ଳ ଚତୁର୍ଦ୍ଦଶୀ ତିଥିର ବ୍ରାହ୍ମ ମୁହୂର୍ତ୍ତରେ ମେଳଣ ପଡିଆକୁ ଆସୁଥିବା ସମସ୍ତ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଥିବା ବେଳେ କଟକ ଜିଲା ମାହାଙ୍ଗା ଥାନା ଅଧୀନ ପ୍ରସିଦ୍ଧ ଶୈବପୀଠ

**ଆଗକୁ ଓଲକଣା ମେଳଣ**

ଭଦ୍ରେଶ୍ୱରଙ୍କ ମନ୍ଦିରରୁ ଏକ ସ୍ୱତନ୍ତ୍ର ବିମାନରେ ଶିବଶକ୍ତି ଏହି ମେଳଣକୁ ଆସିଥାନ୍ତି । ମେଳଣ ପଡିଆରେ ପହଞ୍ଚିବା ପରେ ଭଦ୍ରେଶ୍ୱରଙ୍କ ବିମାନ ପକ୍ଷରୁ ୧୦୮ ଘଣ୍ଟ ପଟୁଆର ମଧ୍ୟରେ ବିଦୁରଙ୍କ ମନ୍ଦିରକୁ ଏକ ଆଳତି ଯାଇଥାଏ । ଏହି ଆଳତି ଦର୍ଶନ ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ଲକ୍ଷାଧିକ ଶ୍ରଦ୍ଧାଳୁ ଅତି ଉତ୍ସୁକତାର ସହ ଅପେକ୍ଷା କରିଥାନ୍ତି । ତେବେ ପ୍ରାଚୀନ ଐତିହ୍ୟର ସ୍ମୃତି ବହନ କରୁଥିବା ବିଦୁର ମନ୍ଦିର ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଛି । ଏହି ମନ୍ଦିରକୁ ପର୍ଯ୍ୟଟନ ବିଭାଗ ନିଜ ହାତକୁ ନେବା ସହ ମନ୍ଦିରର ଉନ୍ନତୀକରଣ ପାଇଁ ଓଲକଣା ମେଳଣ ପ୍ରଚାର ଓ ପ୍ରସାର କମିଟିର ଅଧକ୍ଷ ଦେବେନ୍ଦ୍ର କୁମାର ସାହୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି ।

ବର୍ତ୍ତମାନ ଉଭୟ କେନ୍ଦ୍ରାପଡା ଓ କଟକ ଜିଲା ପ୍ରଶାସନ ଅଧୀନରେ ଥିବା ଏହି ମେଳଣ ପଡିଆ ଓ ବିଦୁର ମନ୍ଦିର ରାଜରାଜୁଡା ସମୟରେ ଆଳି ରାଜାଙ୍କ ଇଷ୍ଟେଟ ଭିତରେ ରହିଥିଲା । ତେଣୁ ମେଳଣ ପଡିଆ ଓ ମନ୍ଦିରର ଉନ୍ନତି ପାଇଁ ଆଳି ରାଜାଙ୍କ ପକ୍ଷରୁ ବହୁ ଉଦ୍ୟମ କରାଯାଇଥିଲା । ଏହି ମେଳଣର ଅଧିପତି ଭାବେ ଆଳି ରାଜାଙ୍କ ପଞ୍ଚମୁଖୀ ବିମାନରେ ରାଧାକୃଷ୍ଣ ଓ ଅନ୍ୟ ଏକ ବିମାନରେ ମା' ଲକ୍ଷ୍ମୀଙ୍କ ପ୍ରତିମା ବିଜେ ହୋଇ ପ୍ରଥମେ ମାଟିରେ ନିର୍ମିତ କନକବେଦୀରେ ଉପବେଶନ କରିଥାନ୍ତି । ପରେ ମେଳଣ ପଡିଆକୁ ବିଭିନ୍ନ ଦ୍ୱାର ଦେଇ ଆସୁଥିବା ୧୨୦ରୁ ଊର୍ଦ୍ଧ୍ୱ ବିମାନ ବିଧିବ୍ୟବସ୍ଥା ଅନୁଯାୟୀ ଉପବେଶନ କରିଥାନ୍ତି । ଚଳିତବର୍ଷ ଆସନ୍ତା ୮ ତାରିଖରେ ମେଳଣ ଅନୁଷ୍ଠିତ ହେଉଥିବାରୁ ଉଭୟ କେନ୍ଦ୍ରାପଡା ଓ କଟକ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଶାନ୍ତିଶୃଙ୍ଖଳାରେ କିପରି ମେଳଣ ଶେଷ ହେବ ସେଥିଲାଗି ମେଳଣ ସମନ୍ୱୟ କମିଟି ପକ୍ଷରୁ ପ୍ରସ୍ତୁତି ଜୋରଦାର ହୋଇଛି ।

# ଶ୍ରମିକ ନେତା, ୨ଖଣି ଅଧିକାରୀ ନିର୍ଦ୍ଦୋଷରେ ଖଲାସ

## ଦଳିତ ନେତାଙ୍କୁ ଆକ୍ରମଣ ମାମଲା

ଯାଜପୁର ଟାଉନ/ ଯାଜପୁରରୋଡ, ୩।୩ (ଡି.ଏନ୍.ଏ.)

୨୦୦୯ ମସିହା ବହୁ ଚର୍ଚ୍ଚିତ ସାମାଜିକ କର୍ମୀ ବା ଦଳିତ ନେତା ବିଶ୍ୱନାଥ ପାତ୍ରଙ୍କୁ ସୁକିନ୍ଦା ଖଣି ଅଞ୍ଚଳର ଶ୍ରମିକ ନେତା ଓ ଖଣି ଅଧିକାରୀଙ୍କ ଆକ୍ରମଣ ମାମଲାର ମଙ୍ଗଳବାର ରାୟ ପ୍ରକାଶ ପାଇଛି। ଉପଯୁକ୍ତ ସାକ୍ଷ୍ୟ, ପ୍ରମାଣ ଅଭାବରୁ ଯାଜପୁର ରୋଡ୍ ଅତିରିକ୍ତ ଜିଲା ଦୌରାଜଜ୍ ଦେବଦତ୍ତ ଦାସ ମହାପାତ୍ର ୩ ଜଣ ଅଭିଯୁକ୍ତ ଶ୍ରମିକ ନେତା ନାରାୟଣଚନ୍ଦ୍ର ଧୀର, ଖଣି ଅଧିକାରୀ ରଞ୍ଜନ ପଟ୍ଟନାୟକ ଓ ନରହରି ମହାନ୍ତିଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାକୁ ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନ୍‌ଜୀବୀ ପ୍ରବୀର କୁମାର ରାୟ ପରିଚାଳନା କରିଥିଲେ।

ସୂଚନାଥାଉ କି, ୨୦୦୯ ନଭେମ୍ବର ୯ ତାରିଖରେ ଦଳିତ ନେତା ବିଶ୍ୱନାଥ ପାତ୍ରଙ୍କୁ କାଳିଆପାଣି ଖଣି ଅଞ୍ଚଳର କେତେଜଣ ଶ୍ରମିକ ନେତା ଓ ସମର୍ଥକ ଆକ୍ରମଣ କରିଥିଲେ। ଏ ନେଇ ସେ ତତ୍କାଳୀନ ଏସ୍‌ପି, ମୁଖ୍ୟମନ୍ତ୍ରୀ ଓ ବିଭିନ୍ନ ଉଚ୍ଚ ପଦାଧିକାରୀଙ୍କୁ ଅଭିଯୋଗ କରିବା ସହ ଘଟଣାର ତଦନ୍ତ ପାଇଁ ଦରଖାସ୍ତ ପ୍ରେରଣ କରିଥିଲେ। ଏହାର ତଦନ୍ତ ପାଇଁ ତତ୍କାଳୀନ ଏସ୍‌ପି କାଳିଆପାଣି ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶା ଖଣି ନିଗମ ପକ୍ଷରୁ ଅନୁଷ୍ଠିତ ଜନଶୁଣାଣି ସଭାରେ ନିଗମ ପକ୍ଷରୁ ବିକାଶ ମୂଳକ କାର୍ଯ୍ୟ କରା ନଯିବା ଓ ବହୁ ପରିମାଣର ପରିବେଶ ପ୍ରଦୂଷଣ ସମ୍ପର୍କରେ ଦଳିତ ନେତା ପାତ୍ର ଅତିରିକ୍ତ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଏହାପରେ ସେଠାରେ ଉପସ୍ଥିତ ଶ୍ରମିକ ନେତା ନାରାୟଣଚନ୍ଦ୍ର ଧୀର, ଖଣି ଅଧିକାରୀ ରଞ୍ଜନ ପଟ୍ଟନାୟକ ଓ ନରହରି ମହାନ୍ତି ପ୍ରମୁଖ ତାଙ୍କୁ ଧମକ ଦେବା ସହ ଜାତିଆଣ ଆକ୍ଷେପ କରି ମାଡ଼ ମାରିଥିଲେ। ସର୍ବସାଧାରଣରେ ମାଡ ମାରିବା ଓ ଜାତିକୁ ଆକ୍ଷେପ କରିଥିବା ନେଇ ପାତ୍ର ଉକ୍ତ ଅଭିଯୋଗ ପତ୍ରରେ ଦର୍ଶାଇବା ସହିତ ଶ୍ରମିକ ନେତା ସମ୍ରାଟ ଗୁପ୍ତା ଓ ଖଣି ନିଗମର ସାଧାରଣ ପରିଚାଳକଙ୍କ ନାମରେ ମଧ୍ୟ ଅଭିଯୋଗ କରିଥିଲେ। କଳିଙ୍ଗନଗର ଥାନା ଅଧିକାରୀ ଅଭିଯୋଗ ପତ୍ର ଗ୍ରହଣ କରିବା ସହ ନଂ. ୫୧/୨୦୦୯ ଓ ହରିଜନ ଆଦିବାସୀ ନିର୍ଯାତନା ଆଇନ୍ ଅନୁଯାୟୀ ମାମଲା ରୁଜୁ କରିଥିଲେ।

# ୫୨ କେନ୍ଦ୍ରରେ ୧୭,୧୧୧ ପରୀକ୍ଷାର୍ଥୀ

ଯାଜପୁର ଟାଉନ୍, ୩।୩ (ଡି.ଏନ୍.ଏ.)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଯାଜପୁର ଜିଲାର ୫୬ଟି କେନ୍ଦ୍ରରେ ମୋଟ ୧୭ ହଜାର ୧୧୧ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ପରୀକ୍ଷା ପ୍ରଥମ ଦିନରେ ଭାରପ୍ରାପ୍ତ ଜିଲାପାଳ ଇନ୍ଦ୍ରମଣି ନାୟକ, ଉପ ଜିଲାପାଳ ନାରାୟଣଚନ୍ଦ୍ର ଧଳ, ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଏନ୍.ସି କଲେଜ, ବିରଜା ମହିଳା ମହାବିଦ୍ୟାଳୟ ପରୀକ୍ଷା କ୍ଷେତ୍ର ଓ ହବ୍ ସେଣ୍ଟର ବୁଲି ଦେଖିଥିଲେ। କଳାରେ ୧୧ହଜାର ୧୧୭ ଛାତ୍ରୀଛାତ୍ର ପରୀକ୍ଷା ଦେଉଥିବା ବେଳେ ବିଜ୍ଞାନରେ ୪ହଜାର ୬୫୧ ଓ ବାଣିଜ୍ୟରେ ୧୩୪୩ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ପରୀକ୍ଷା ପ୍ରଶ୍ନପତ୍ର ରଖିବା ପାଇଁ ୭ଟି ହବ୍ ସେଣ୍ଟର କରାଯାଇଥିବା ବେଳେ ପରୀକ୍ଷା ସୁନିୟନ୍ତ୍ରିତ କରିବାକୁ ସମସ୍ତ କେନ୍ଦ୍ରରେ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯିବା ସହ ସିସି କ୍ୟାମେରା ଲଗାଯାଇଛି। ପରୀକ୍ଷା ସୁପରିଚାଳନା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ଡି.ଏଲ୍.ସି ଦାଶରଥୀ ମହାରଣା କହିଛନ୍ତି। ହବ ଇନଚାର୍ଜ ବିକ୍ରମ କୁମାର ମଲିକ ସବୁ କେନ୍ଦ୍ରମାନଙ୍କୁ ନିର୍ଦ୍ଧାରିତ ସମୟରେ ପ୍ରଶ୍ନପତ୍ର ପ୍ରେରଣ କରାଯାଇଥିବା ସୂଚନା ଦେଇଛନ୍ତି। ପ୍ରଥମ ଦିନରେ ୫୨ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ସୂଚନା ମିଳିଛି।

# ନାବାଳିକା ଅପହରଣ ମାମଲା, ୨ କୋର୍ଟ ଚାଲାଣ

ଯାଜପୁର ଅଫିସ,୩।୩

ଯାଜପୁର ଜିଲା ପାଣିକୋଇଲି ଥାନା ଅନ୍ତର୍ଗତ ଛୋଟରାୟପୁର ଗ୍ରାମର ଜଣେ ନାବାଳିକାଙ୍କୁ ଅପହରଣ ମାମଲାରେ ୨ଜଣ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ମନୋଜ ପାଢ଼ୀ (୨୮) ଓ ସୁରେଶ ବାରିକ(୨୦)। ଏନେଇ ପାଣିକୋଇଲି ଥାନାରେ ଆଇପିସି ଦଫା ୩୬୩, ୩୭୬(ବି), ୨୯୪, ୩୨୩, ୫୦୬, ୫୦୯, ୩୪ ଏବଂ ୭ ପୋକ୍‌ସୋ ଆକ୍ଟରେ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୂଚନାଯୋଗ୍ୟ ଯେ, ଶଙ୍ଖଚିଲା ହାଇସ୍କୁଲର ଜନୈକା ନବମ ଶ୍ରେଣୀ ଛାତ୍ରୀ ସକାଳୁ ପ୍ରତିଦିନ ପରି ଖମଣ ଗ୍ରାମକୁ ଟିଉଶନ ଯାଇଥିଲେ। ମାତ୍ର ସେ ଟିଉସନରେ ନ ପହଞ୍ଚିବାରୁ ସାର୍ ଛାତ୍ରୀଙ୍କ ପରିବାରକୁ ଫୋନ କରି ପଚାରିଥିଲେ। ଏହା ଜଣାପଡ଼ିବାପରେ ପରିବାର ଲୋକେ ବହୁ ଖୋଜାଖୋଜି କରି ମଧ୍ୟ ଝିଅର କୌଣସି ସନ୍ଧାନ ପାଇ ନ ଥିଲେ। ପରେ ପରିବାର ଲୋକେ ଗତ ୨୩ତାରିଖରେ ପାଣିକୋଇଲି ଥାନାରେ ଏନେଇ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୫୧/୨୦) ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତ ସମୟରେ ବଡେଇଟିକିର ଗ୍ରାମର ଚନ୍ଦନ ମାଝୀ ନାବାଳିକାଙ୍କୁ ଅପହରଣ କରିଥିବା ପରିବାର ଲୋକ ଅଭିଯୋଗ କରିଥିଲେ। ଏପରି କି ଅଭିଯୁକ୍ତ ନାବାଳିକାଙ୍କୁ ନେଇ କେନ୍ଦୁଝର ଜିଲା କାଶିପୁର ଅଞ୍ଚଳରେ ଥିବା ମୋବାଇଲ ଟ୍ରାକିଂରେ ଜଣାପଡ଼ିଥିଲା। ଏହା ଜାଣି ଗତ ୨୯ତାରିଖରେ ଅଭିଯୁକ୍ତ ଚନ୍ଦନ ଓ ତାଙ୍କ ୫ସହଯୋଗୀ ୩ଟି ବାଇକ୍‌ରେ ନାବାଳିକାଙ୍କୁ ଆଣି କୁଆଖିଆ ଥାନା ଅନ୍ତର୍ଗତ ମଧୁବନ ନିକଟରେ ଛାଡ଼ି ଦେଇ ଫେରାର ହୋଇଯାଇଥିଲେ। ଏହାପରେ ନାବାଳିକାଙ୍କୁ ପଚରାଉଚୁରା କରିବା ପରେ ବଡେଇଟିକିର ଗ୍ରାମର ଚନ୍ଦନ ମାଝୀ ଓ ୫ ସହଯୋଗୀ ତାଙ୍କୁ ଅପହରଣ ନେଇଯାଇଥିଲେ ବୋଲି କହିଥିଲେ। ବିଶେଷସୂତ୍ରରୁ ଖବର ପାଇ ଚନ୍ଦନଙ୍କ ସହଯୋଗୀ ମନୋଜ ଓ ସୁରେଶଙ୍କୁ ପାଣିକୋଇଲି ପୋଲିସ ଛୋଟରାୟପୁର ଅଞ୍ଚଳରୁ ଗିରଫ କରିଛି।

# ୭ରେ ବିଜୁ ମିନି ମାରାଥନ

ବିଞ୍ଝାରପୁର ,୩।୩(ଡି.ଏନ୍.ଏ.): ବିଞ୍ଝାରପୁର ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ଅବସରରେ ଆସନ୍ତା ୭ତାରିଖରେ ଏକ ମିନି ମାରାଥନର ଅୟୋଜନ କରାଯାଇଛି। ସୁସ୍ଥ ଶରୀର ହିଁ ଅମୂଲ୍ୟ ସମ୍ପଦ ଏଣୁ ଶରୀରକୁ ସୁସ୍ଥ ରଖିବାକୁ ହେଲେ ଦୈନିକ ଶାରୀରିକ ପରିଶ୍ରମ ନିହାତି ଜରୁରୀ ବୋଲି ଜନସାଧାରଣଙ୍କୁ ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ଏହି ମିନି ମାରାଥନ ଆୟୋଜନ କରାଯାଉଛି ବୋଲି ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାନୁସାରେ ଏହି ବିଜୁ ସ୍ମାରକୀ ମିନି ମାରାଥନ ଆସନ୍ତା ୭ତାରିଖ ସକାଳୁ ବିଞ୍ଝାରପୁର ବ୍ଲକର ଫତେପୁରସ୍ଥିତ ଯଜ୍ଞ ପଡ଼ିଆଠାରୁ ଆରମ୍ଭ ହୋଇ କଲ୍ୟାଣପୁରସ୍ଥିତ ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ସମାପନ ହେବ। ଏଥିରେ ସରକାରୀ ଦଳର ମୁଖ୍ୟସଚେତିକା ପ୍ରମିଳା ମଲ୍ଲିକ ଏହି ମିନି ମାରାଥନକୁ ଉଦ୍‌ଘାଟନ କରିବେ ବୋଲି ଜଣାପଡ଼ିଛି।


## ପୂର୍ବ ମଧ୍ୟ ରେଳପଥ

### ଇ-ଟେଣ୍ଡର ବିଜ୍ଞପ୍ତି

ଇ-ଟେଣ୍ଡର ନଂ. ୨୦୧୯/ଡବ୍ଲ୍ୟୁପି/ବିଜିପିଏଲ୍/ଇଏନ୍‌ଜିଜି/ଡବ୍ଲ୍ୟୁଟି-୧୬ (ଖୋଲା) ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିମ୍ନଲିଖିତ ବିବରଣୀ ଅନୁଯାୟୀ ଇ-ଟେଣ୍ଡର (ଖୋଲା) ଆମନ୍ତ୍ରଣ କରାଯାଉଛି । (୧) କାର୍ଯ୍ୟର ନାମ ଓ ଏହାର ଅବସ୍ଥିତି: ବାଘୁପାଳ, ପୂର୍ବତଟ ରେଳପଥଠାରେ ଆର୍‌ଓଏଚ୍ ଶେଡ୍‌ର ନିର୍ମାଣ ସଂକ୍ରାନ୍ତରେ କମ୍ପୋଜିଟ୍ କାର୍ଯ୍ୟ (ସିଭିଲ, ଇଲେକ୍ଟ୍ରିକାଲ, ମେକାନିକାଲ ଓ ଟେଲିକମ୍) ଯାହା ମଧ୍ୟରେ ଆର୍‌ଓଏଚ୍ ଶେଡ୍, ହ୍ୱିଲ୍ ଲେଦ୍ ଶେଡ୍ ଏବଂ ଅନ୍ୟାନ୍ୟ ତତ୍‌ସମ୍ପର୍କିତ ବିଲ୍‌ଡିଂ (ସର୍ଭିସ୍ ବିଲ୍‌ଡିଂ ଇତ୍ୟାଦି)ର ନିର୍ମାଣ, ଜଳ ଯୋଗାଣ ପ୍ରଣାଳୀ, ଡ୍ରେନେଜ୍ ପ୍ରଣାଳୀ, ଟ୍ରାକ୍ କାର୍ଯ୍ୟ, ସଡ଼କ କାର୍ଯ୍ୟ, ତତ୍‌ସମ୍ପର୍କିତ ଟେଲିକମ୍ କାର୍ଯ୍ୟ ଅନ୍ତର୍ଭୁକ୍ତ । (୨) କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ.୩୨,୯୦,୨୪,୮୨୨.୨୪, (୩) ଜମା କରାଯିବାକୁ ଥିବା ଅମାନତ ରାଶି: ଟ.୧୭,୯୫,୧୦୦.୦୦ (୪) ଇ-ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ତା୨୩।୦୩।୨୦୨୦ରିଖ ୧୩.୦୦ ଘଟିକାରେ, (୫) ୱେବ୍‌ସାଇଟ୍ ସୂଚନା ଏବଂ ନୋଟିସ୍ ବୋର୍ଡ ଅବସ୍ଥିତି ଯେଉଁଠାରେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ଦେଖାଯାଇପାରିବ ଓ ଡାଉନ୍‌ଲୋଡ୍ କରାଯାଇପାରିବ: ଟେଣ୍ଡର କେବଳ ଆଇଆର୍‌ଇପିଏସ୍ ୱେବ୍‌ସାଇଟ୍ www.ireps.gov.inରୁ ଡାଉନ୍‌ଲୋଡ୍ ଓ ବିଡ୍ କରାଯାଇପାରିବ। ଅନ୍ୟ କୌଣସି ସୂଚନା ପାଇଁ ଦୟାକରି ଚିଫ୍ ଇଞ୍ଜିନିୟର୍-I/ୱାର୍କଶପ୍ ପ୍ରୋଜେକ୍ଟସ୍, ଭାରତୀୟ ରେଳପଥ, ଚାମ୍ବର୍ ଭବନ, ୪ର୍ଥ ମହଲା (ଇଞ୍ଜିନିୟରିଂ ବିଭାଗ) ଜେ.ସି. ରୋଡ୍, ପାଟନା-୮୦୦୦୦୧ଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

ସିଏଓ/ଡବ୍ଲ୍ୟୁପି/ପାଟନା
PR/2352/WPO/Engg./T/19-20/40


# ୨୧ ନୁହେଁ ୨୫ରେ ନଗଡ଼ା ଆସିବେ ଲୋକାୟୁକ୍ତ ପ୍ରତିନିଧିଦଳ

ଯାଜପୁର ଅଫିସ, ୩।୩

ଯାଜପୁର ଜିଲା ନଗଡ଼ାର ବିକାଶରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଓଡ଼ିଶା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏନେଇ ଏଲ୍‌ୱାଇ କେସ୍ ନଂ.୪୫୫/୨୦୧୯ରେ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାର ତଦନ୍ତ କରିବା ପାଇଁ ଆସନ୍ତା ୨୧ରେ ଲୋକାୟୁକ୍ତଙ୍କ ଏକ ପ୍ରତିନିଧିଦଳ ନଗଡ଼ା ଗସ୍ତ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ଏହା ଜଣାପଡ଼ିବାପରେ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ତଦାରଖ କରାଯିବା ସହ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ନଗଡ଼ାକୁ ନିର୍ମାଣ ହେଉଥିବା ରାସ୍ତାର ମରାମତି କରିବାକୁ ପଦକ୍ଷେପ ନିଆଯାଇଥିଲା। ତେବେ ଲୋକାୟୁକ୍ତ ବିଚାରପପତି ଅଜିତ ସିଂ ୨୧ତାରିଖରେ କୌଣସି କାରଣବଶତଃ ଓଡ଼ିଶାରେ ଅନୁପସ୍ଥିତ ରହୁଥିବା କାରଣରୁ ନଗଡ଼ା ଗସ୍ତକୁ ଆସନ୍ତା ୨୫ତାରିଖକୁ ଘୁଞ୍ଚାଇ ଦିଆଯାଇଥିବା ଲୋକାୟୁକ୍ତ ଅଧକ୍ଷ ଗତ ୨୬ ତାରିଖ ଶୁଣାଣିରେ ନିର୍ଦ୍ଦେଶ ଦେଇଛନ୍ତି ।

# ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର

ରସୁଲପୁର,୩।୩(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନ ହାଟସ୍ଥିତ ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ର ପରିସରରେ ମଙ୍ଗଳବାର ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଆୟୋଜିତ ଶିବିରରେ ବହୁ ଆର୍ଥିକ ଅନଗ୍ରସର ରୋଗୀଙ୍କୁ ମାଗଣା ସେବା ପ୍ରଦାନ କରାଯାଇଥିଲା। ଉକ୍ତ ଶିବିରରେ ଟାଟା ମେଡିକା ପକ୍ଷରୁ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ରକ୍ତ ସର୍କରା, ଛାତି ପରୀକ୍ଷା, ବ୍ଲଡପେସର, ଓଜନ ମାପ ଆଦି ପରୀକ୍ଷା ମାଗଣା କରାଯାଇଥିଲା। ଡାକ୍ତର ଦେବାଶିଷ ଦାସ, ନର୍ସ ଜ୍ୟୋତି ରଞ୍ଜନ କର, ଟେକ୍ନିସିଆନ ଦିପ୍ତିମୟୀ ଦାସ ପ୍ରମୁଖ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ନାୟକ, ଭାସ୍କର ଚନ୍ଦ୍ର ମିଶ୍ର, ଶ୍ୟାମସୁନ୍ଦର ପଣ୍ଡା, ବୈକୁଣ୍ଠ ବିହାରୀ ରଥ, ସୁଧାଂଶୁ ଭୁଷଣ ମିଶ୍ର, ଜନଔଷଧି କେନ୍ଦ୍ରର ତତ୍ତ୍ୱାବଧାରକ ସୁବ୍ରତ ଦ୍ୱିବେଦୀ, ବିକାଶ ଦ୍ୱିବେଦୀ, ରମେଶ ତରାଇ, ରାକେଶ ନାୟକ, ପିଣ୍ଟୁ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।







## ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କେନ୍ଦ୍ରାପଡ଼ା

ପତ୍ର ସଂଖ୍ୟା: 850 ତା. 12.02.2020

**ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନ୍ତର୍ଗତ ବ୍ଲକ୍‌ସ୍ତରୀୟ ଜନଶୁଣାଣି ବୈଠକ ଆର୍ଥିକ ବର୍ଷ ୨୦୧୯-୨୦୨୦ ।**

ଏତଦ୍ୱାରା କେନ୍ଦ୍ରାପଡ଼ା ଜିଲ୍ଲାର ୯ ଗୋଟି ପଞ୍ଚାୟତ ସମିତିର ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ଜିଲ୍ଲାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ବ୍ଲକ୍‌ସ୍ତରୀୟ ଜନଶୁଣାଣି ପାଇଁ ବ୍ଲକ୍‌ସ୍ତରରେ ନିମ୍ନଲିଖିତ ଦିବସ ଧାର୍ଯ୍ୟ କରାଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ହୋଇଥିବା ଅର୍ଥ, ମଜୁରି ପ୍ରଦାନ, କାର୍ଯ୍ୟରେ ଅନିୟମିତତା ଓ ଅନ୍ୟାନ୍ୟ ଆପତ୍ତି ଅଭିଯୋଗର ସମୀକ୍ଷା ଓ ଫୈସଲା କରାଯିବ।

ଏଣୁ ଆପଣମାନଙ୍କୁ ଅନୁରୋଧ ଯେ, ଆପଣମାନେ ଏହି ବ୍ଲକ୍‌ସ୍ତରୀୟ ସମୀକ୍ଷାରେ ଯୋଗଦେଇ ଉପରୋକ୍ତ ଯୋଜନାରେ କାର୍ଯ୍ୟକାରିତାକୁ ନେଇ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ଥିଲେ ଉତ୍‌ଥାପନ କରିପାରିବେ।

| କ୍ର.ସଂ. | ବ୍ଲକ୍‌ର ନାମ | ଜନଶୁଣାଣି ତାରିଖ | ଜନଶୁଣାଣି ସମୟ | ଜନଶୁଣାଣି ସ୍ଥାନ |
|---|---|---|---|---|
| ୧ | ଆଳି | ୧୧।୦୩।୨୦୨୦ | ୧୧.୦୦ ପୂର୍ବାହ୍ନ | ବ୍ଲକ୍ ଅଫିସ କାର୍ଯ୍ୟାଳୟ |
| ୨ | ଡେରାବିଶ୍ | ୨୦।୦୩।୨୦୨୦ | ୧୧.୦୦ ପୂର୍ବାହ୍ନ | ବ୍ଲକ୍ ଅଫିସ କାର୍ଯ୍ୟାଳୟ |
| ୩ | ଗରଦପୁର | ୧୮।୦୩।୨୦୨୦ | ୧୧.୦୦ ପୂର୍ବାହ୍ନ | ବ୍ଲକ୍ ଅଫିସ କାର୍ଯ୍ୟାଳୟ |
| ୪ | କେନ୍ଦ୍ରାପଡ଼ା | ୨୫।୦୩।୨୦୨୦ | ୧୧.୦୦ ପୂର୍ବାହ୍ନ | ବ୍ଲକ୍ ଅଫିସ କାର୍ଯ୍ୟାଳୟ |
| ୫ | ମହାକାଳପଡ଼ା | ୨୦।୦୩।୨୦୨୦ | ୧୧.୦୦ ପୂର୍ବାହ୍ନ | ବ୍ଲକ୍ ଅଫିସ କାର୍ଯ୍ୟାଳୟ |
| ୬ | ମାର୍ଶାଘାଇ | ୧୩।୦୩।୨୦୨୦ | ୧୧.୦୦ ପୂର୍ବାହ୍ନ | ବ୍ଲକ୍ ଅଫିସ କାର୍ଯ୍ୟାଳୟ |
| ୭ | ପଟ୍ଟାମୁଣ୍ଡାଇ | ୧୩।୦୩।୨୦୨୦ | ୧୧.୦୦ ପୂର୍ବାହ୍ନ | ବ୍ଲକ୍ ଅଫିସ କାର୍ଯ୍ୟାଳୟ |
| ୮ | ରାଜକନିକା | ୧୮।୦୩।୨୦୨୦ | ୧୧.୦୦ ପୂର୍ବାହ୍ନ | ବ୍ଲକ୍ ଅଫିସ କାର୍ଯ୍ୟାଳୟ |
| ୯ | ରାଜନଗର | ୧୧।୦୩।୨୦୨୦ | ୧୧.୦୦ ପୂର୍ବାହ୍ନ | ବ୍ଲକ୍ ଅଫିସ କାର୍ଯ୍ୟାଳୟ |

ସ୍ୱା./- ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କେନ୍ଦ୍ରାପଡ଼ା





# ୧୩୧୩ ଚାଷୀ ଧାନ ବିକ୍ରିରୁ ବଞ୍ଚିତ



## ଯାଜପୁର ଜିଲାରେ ଧାନ ବିକ୍ରି

■ଶେଷ ମୁହୂର୍ତ୍ତରେ ଜନପ୍ରତିନିଧିଙ୍କ ଦରଦ
■ସ୍ୱତନ୍ତ୍ର ଧାନ ସଂଗ୍ରହ ବୈଠକରେ ପଦକ୍ଷେପ ନେବାକୁ ପରାମର୍ଶ

ଯାଜପୁର ଅଫିସ,୩।୩

ଯାଜପୁର ଜିଲାରେ ଚଳିତ ଧାନ ସଂଗ୍ରହ ବର୍ଷରେ ୩୨,୪୬୪ ଜଣ ଚାଷୀ ନାମ ପଞ୍ଜିକୃତ କରିଛନ୍ତି। ତେବେ ମଙ୍ଗଳବାର ସୁଦ୍ଧା ୨୧,୧୪୮ ଜଣ ଧାନ ବିକ୍ରୟ କରିଛନ୍ତି। ମୋଟ ୧୧ଲକ୍ଷ ୬୯ ହଜାର ୧୧୭ କୁଇଣ୍ଟାଲ ଧାନ ସଂଗ୍ରହର ଧାର୍ଯ୍ୟ ଲକ୍ଷ ମଧ୍ୟରୁ ୧୦ଲକ୍ଷ ୮୫ହଜାର ୧୮୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି ବୋଲି ମଙ୍ଗଳବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଅନୁଷ୍ଠିତ ଜିଲାସ୍ତରୀୟ ସ୍ୱତନ୍ତ୍ର ଧାନ ସଂଗ୍ରହ କମିଟି ବୈଠକରେ ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ବିଭାଗୀୟ ଅବହେଳା କାରଣରୁ ଜିଲାର ୧୩୧୩ ଜଣ ଚାଷୀ ନାମ ପଞ୍ଜିକରଣରୁ ବାଦ ପଡ଼ି ଧାନ ବିକ୍ରି କରିବାରେ ବଞ୍ଚିତ ହୋଇଛନ୍ତି। ସେମାନେ କୁଇଣ୍ଟାଲ ପିଛା ମାତ୍ର ୧୧୦୦ରୁ ୧୨୦୦ ଟଙ୍କାରେ ବିକ୍ରି କରି ଶୋଷଣର ଶିକାର ହୋଇଛନ୍ତି। ଏହାବାଦ ଆବଶ୍ୟକ ସମୟସୀମା ନଥାଇ ଟୋକନ ବଣ୍ଟନ କାରଣରୁ ଚାଷୀ ଧାନ ବିକ୍ରି କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ଜିଲାର କୌଣସି ଜନପ୍ରତିନିଧି ପୂର୍ବରୁ ଚିନ୍ତା କରି ନ ଥିବାବେଳେ ଧାନ ସଂଗ୍ରହର ଅନ୍ତିମ ସମୟରେ ବୈଠକର ଆୟୋଜନ କରିବା ବିଡ଼ମ୍ବନା ଛଡା ଅନ୍ୟ କିଛି ନୁହେଁ ବୋଲି ପ୍ରଭାବିତ ଚାଷୀ ମହଲରେ ଆଲୋଚନା ହେଉଛି।

ଯାଜପୁର ଜିଲାରେ ୧୩୪ଟି ପ୍ୟାକ୍ସ ଜରିଆରେ ଧାନ ସଂଗ୍ରହ ହେଉଛି। ଏଥିରେ ୧୨ଜଣ ମିଲର୍ସ ଭାଗ ନେଇଛନ୍ତି। ସମ୍ପୃକ୍ତ ପ୍ୟାକ୍ସଗୁଡ଼ିକୁ ଦିଆଯାଇଥିବା ଲକ୍ଷ୍ୟଧାର୍ଯ୍ୟ ଅନୁଯାୟୀ ଅନ୍ ଲାଇନ ଅଟୋ ଏବଂ ସିଷ୍ଟମ ଜେନେରେଟେଡ ବ୍ୟବସ୍ଥା ଅନୁଯାୟୀ ଅପେକ୍ଷାରତ ପଞ୍ଜୀକୃତ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଉଛି। ଏହାପରେ ସେମାନଙ୍କଠାରୁ ଧାନ ସଂଗ୍ରହ ହେଉଛି ବୋଲି ବିଭାଗ ପକ୍ଷରୁ କୁହାଯାଉଛି। କିନ୍ତୁ ବାସ୍ତବରେ ଧାନ ବିକ୍ରି କରିବାକୁ ଟୋକନ ପ୍ରଦାନ କରିବାର ମାତ୍ର ୨୪ଘଣ୍ଟାର ସମୟସୀମା ରହୁଛି। ଏଭଳିସ୍ଥଳେ ଚାଷୀ କିଭଳି ଭାବରେ ନିଜକୁ ପ୍ରସ୍ତୁତ କରି ଧାନ ବିକ୍ରି କରିବ ସେ ନେଇ ଚିନ୍ତାରେ ରହୁଛି। ଯେଉଁ ଚାଷୀମାନଙ୍କ ନାମ ପଞ୍ଜୀକରଣ ହୋଇଛି ସେମାନଙ୍କ ମଧ୍ୟରୁ ଅନେକଙ୍କୁ ନିଜ ସମ୍ପର୍କୀୟ ଓ ପାଖ ଲୋକଙ୍କୁ ଚାଷୀ ଦର୍ଶାଇ ଜାଲ କାଗଜପତ୍ରରେ ଧାନ ସଂଗ୍ରହ ହେଉଛି। କମ୍ ଜମି ଥାଇ ଅଧିକ ଜମି ଦର୍ଶାଇ ଲକ୍ଷାଧିକ ଟଙ୍କା ହଡ଼ପ ହେଉଥିବା ପୂର୍ବରୁ ନଜିର ରହିଛି। ଗତବର୍ଷ ଯାଜପୁର ଜିଲା ମାର୍କଣ୍ଡପୁର ପ୍ୟାକ୍ସରେ ୪ଜଣ ଚାଷୀଙ୍କ ନାମରେ ଏଭଳି ମିଥ୍ୟା କାଗଜପତ୍ର ଜରିଆରେ ଧାନ କିଣାଯାଇଥିବା ପର୍ଦ୍ଦାଫାଶ ହୋଇଥିଲା। ଚଳିତ ବର୍ଷ ମଧ୍ୟ ଧାନକିଣାରେ ଏଭଳି କୋଟି କୋଟି ଟଙ୍କାର ହେରାଫେରି ହେଉଥିବା ଅଭିଯୋଗ ହେଉଛି। ତେବେ ଏନେଇ ଧାନ ସଂଗ୍ରହ ବୈଠକରେ ଆଲୋଚନା ହେଉ ନ ଥିବାବେଳେ ଚାଷୀଙ୍କଠାରୁ ଧାନ ସଂଗ୍ରହ ନିୟମ ଭିତ୍ତିକ କରିବା ସହ ଯେପରି ଅଭାବୀ ବିକ୍ରି ନ ହୁଏ ଓ ଟୋକନପ୍ରାପ୍ତ ଚାଷୀଙ୍କ ଠାରୁ ଠିକ୍ ଭାବେ ଧାନ ସଂଗ୍ରହ କରାଯାଏ, ସେହି ଉଦ୍ଦେଶ୍ୟରେ ଜିଲାସ୍ତରୀୟ ସ୍ୱତନ୍ତ୍ର ଧାନ ସଂଗ୍ରହ କମିଟି ବୈଠକ ହେଉଥିବା ସୂଚନା ଦିଆଯାଉଛି। ବୈଠକରେ କୋରେଇ ବିଧାୟକ ଅଶୋକ କୁମାର ବଳ ଚାଷୀମାନଙ୍କ ଠାରୁ ଧାନ ସଂଗ୍ରହ ସମସ୍ୟା ସମ୍ପର୍କରେ ବିଧାନ ସଭାରେ ଆଲୋଚନା ପରେ ଏହି ସ୍ୱତନ୍ତ୍ର ବୈଠକର ଆୟୋଜନ କରାଯାଇଛି ବୋଲି କହିଥିଲେ। ଠିକ ସମୟରେ ଧାନ ମଣ୍ଡିରୁ ଧାନ ନ ଉଠିବା, ମିଲରମାନେ ଠିକ୍ ସମୟରେ ମଣ୍ଡିରେ ନ ପହଞ୍ଚିବା, ଅନେକ ଚାଷୀ ପଞ୍ଜିକୃତ ହୋଇ ନ ଥିବାରୁ ଧାନ ବିକ୍ରୟ କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ସେ କହିବା ସହ ଏହାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦେଇଥିଲେ। ତେବେ ଜିଲାର ୧୩୧୩ ଜଣ ଅଣପଞ୍ଜିକୃତ ଚାଷୀଙ୍କ ପାଇଁ ଧାନ ସଂଗ୍ରହର ଶେଷ ସମୟରେ ଦୟା କରାଯାଉଛି ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଗରିବ ଚାଷୀ ଋଣ ଓ ନିଜର ଦୈନନ୍ଦିନ ଖର୍ଚ୍ଚ ପାଇଁ ଦଲାଲ ହାତରେ ନିଜର କଷ୍ଟୋପାର୍ଜିତ ଧାନକୁ କମ୍ ମୂଲ୍ୟରେ ଟେକି ଦେଇଛନ୍ତି। ଏବେ ସେମାନଙ୍କ ପାଇଁ ପଦକ୍ଷେପ ନେବା ହାସ୍ୟାସ୍ପଦ ବୋଲି କୁହାଯାଉଛି। ବୈଠକରେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ, ଭାରପ୍ରାପ୍ତ ଜିଲାପାଳ ଇନ୍ଦ୍ରମଣି ନାୟକ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଏଆର୍‌ସିଏସ୍ ସ୍ୱାତୀବାଳା ମହାପାତ୍ର, ସିଏସଓ ସୁରେନ୍ଦ୍ର ହୋତା, ସହକାରୀ ଯୋଗାଣ ଅଧିକାରୀ ପ୍ରହଲ୍ଲାଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଯାଜପୁରରେ ହିରୋ, ଜିରୋ ଅଫ୍ ଦି ଡେ' ଆରମ୍ଭ

ଯାଜପୁର ଟାଉନ୍, ୩।୩ (ଡି.ଏନ୍.ଏ.)

### ସରକାରୀ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲାପାଳଙ୍କ ସ୍ୱତନ୍ତ୍ର ବ୍ୟବସ୍ଥା

ସରକାରୀ କାର୍ଯ୍ୟ ତ୍ୱରାନ୍ୱିତ ଓ ସାଧାରଣ ଲୋକମାନଙ୍କୁ ଉନ୍ନତ ସେବା ଯୋଗାଇଦେବା ଲକ୍ଷ୍ୟରେ ବର୍ତ୍ତମାନ ତାଲିମରେ ଥିବା ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ଏକ ନୂଆ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି ବ୍ୟବସ୍ଥାଟି ହେଲା 'ହିରୋ ଅଫ୍ ଦି ଡେ' ଓ 'ଜିରୋ ଅଫ୍ ଦି ଡେ'। ଦୈନିକ ପ୍ରଦର୍ଶନ ଆଧାରରେ ରାଙ୍କିଙ୍ଗ ମାଧ୍ୟମରେ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ 'ହିରୋ ଅଫ ଦି ଡେ'ର ଆଖ୍ୟା ଦିଆଯିବା ସହ ନିକୃଷ୍ଟ କାମ ପାଇଁ 'ଜିରୋ ଅଫ ଦି ଡେ' ଆଖ୍ୟା ଦିଆଯାଇ ସୋସିଆଲ ମିଡିଆ ଓ ଡିଆରଡିଏ ଗୃହରେ ଛଡାଯିବ। ଯାହାଦ୍ୱାରା ସମ୍ପୃକ୍ତ ଅଧିକାରୀ କେବେ ନିଜକୁ 'ଜିରୋ ଅଫ୍ ଦି ଡେ'ରେ ନ ରଖିବାକୁ ଅଧିକ ତତ୍ପର ହେବେ। ସେହିପରି ଶ୍ରେଷ୍ଠ ପ୍ରଦର୍ଶନ ଭିତ୍ତିରେ ଗୋଟିଏ କାର୍ଯ୍ୟାଳୟକୁ 'ଚାମ୍ପିୟନ ଅଫ ଦି ଡେ' ଭାବେ ସମ୍ମାନିତ କରାଯିବ। ମଙ୍ଗଳବାର ଆବାସ ଯୋଜନାରେ ଉଲ୍ଲେଖନୀୟ ସଫଳତା ପାଇଁ ବିଞ୍ଝାରପୁର ବିଡିଓ ମିନତି ଜଗଦ୍ଦେବ ଓ ବଡ଼ଚଣା ବିଡିଓ ଅଜିତ ନାରାୟଣ ଗିରିଙ୍କୁ 'ହିରୋ ଅଫ୍ ଦି ଡେ' ଭାବେ ବିବେଚନା କରାଯାଇଛି। ଅନ୍ୟପଟେ ଦୁର୍ବଳ ପ୍ରଦର୍ଶନ ପାଇଁ କୋରେଇ ବ୍ଲକକୁ 'ଜିରୋ ଅଫ୍ ଦି ଡେ' ଭାବେ ବିବେଚିତ କରାଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଉଲ୍ଲେଖନୀୟ ସଫଳତା ପାଇଁ ଦଶରଥପୁର ବ୍ଲକ ଓ ବିଡିଓ ନାରାୟଣ ନାୟକଙ୍କୁ 'ଚାମ୍ପିୟନ ଅଫ ଦି ଡେ' ବିବେଚିତ କରାଯାଇଛି। ଏହା ଯେକୌଣସି ସରକାରୀ ଯୋଜନାର ସଫଳତା ପାଇଁ ଉଦ୍ଦିଷ୍ଟ। ତେଣୁ ପ୍ରତ୍ୟେକ ବିଭାଗର ଅଧିକାରୀ ନିଜ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରି ସୁନାମ ଅର୍ଜନ କରିବାକୁ ଭାରପ୍ରାପ୍ତ ଜିଲାପାଳ ଇନ୍ଦ୍ରମଣି ନାୟକ ପରାମର୍ଶ ଦେଇଛନ୍ତି। ସେହିପରି ଜିଲାପାଳ ଦାସ ସମସ୍ତ ଅଧିକାରୀଙ୍କୁ 'ଜବତକ୍ ବେଷ୍ଟ ନେହିଁ, ତବ୍ ତକ ରେଷ୍ଟ ନେହିଁ' ନିୟମରେ ଗଲେ ସଫଳତା ଅବଶ୍ୟମ୍ଭାବୀ କହି ଶୁଭେଚ୍ଛା ଜଣାଇଛନ୍ତି।

ସୂଚନାଥାଉ କି, ପୂର୍ବରୁ ଜିଲାପାଳ ଦାସ ୱାଲ ଅଫ୍ ଫେମ୍ ଓ ୱାଲ୍ ଅଫ୍ ସେମ୍ ବ୍ୟବସ୍ଥା ଆରମ୍ଭ କରିଥିଲେ। ସରକାରୀ ଯୋଜନାର ସଫଳତା ପାଇଁ ମାସିକ ତାହାର ମୂଲ୍ୟାଙ୍କନ ହୋଇ ମାସର ଶ୍ରେଷ୍ଠ ପ୍ରଦର୍ଶନକାରୀ ଅଧିକାରୀଙ୍କ ନାମ ପ୍ରଶଂସା ଫଳକ ବା ୱାଲ ଅଫ୍ ଫେମ୍‌ରେ ସ୍ଥାନିତ କରାଯାଉଥିବା ବେଳେ ନିକୃଷ୍ଟ ପ୍ରଦର୍ଶନ ପାଇଁ 'ୱାଲ୍ ଅଫ୍ ସେମ୍' ବା ନିନ୍ଦା ଫଳକରେ ନାମ ଓ ଫଟୋ ଲଗାଯିବାର ବ୍ୟବସ୍ଥା କରାଯାଇଛି।

## ୬ରୁ ସୌମିକ ହିରୋର ମେଗା କ୍ୟାମ୍ପ

ଯାଜପୁରରୋଡ,୨।୩(ଡି.ଏନ.ଏ.): ଯାଜପୁରରୋଡ ସୌମିକ ହିରୋ ପକ୍ଷରୁ ଆସନ୍ତା ୬ରୁ ୮ ତାରିଖ ପର୍ଯ୍ୟନ୍ତ ଚୋର୍ଦ୍ଦା କାଳୀମେଲଣ ପଡିଆରେ ମେଗା ସର୍ଭିସ କ୍ୟାମ୍ପ ଅନୁଷ୍ଠିତ ହେବ। ଏଥିରେ ମାତ୍ର ୯୯ ଟଙ୍କାରେ ଗାଡି ସର୍ଭିସ କରିବା ସହିତ ଅନ୍ୟାନ୍ୟ ଆକର୍ଷଣୀୟ ଉପହାର ରହିଛି। ସର୍ଭିସରେ ଅତିରିକ୍ତ କାମରେ ୫୦ ପ୍ରତିଶତ ଲେବର ରିହାତି, ଗୁଡଲାଇଫ ରିନ୍ୱାଲ କଲେ ୭୫୦ ବୋନସ ପଏଣ୍ଟ, ନୂଆ ଗୁଡଲାଇଫ କାର୍ଡ କଲେ ୧୦୦୦ ପଏଣ୍ଟ ବୋନସ ପଏଣ୍ଟ ଓ ବିଲ ମୂଲ୍ୟ ଉପରେ ୨୦୦ ବୋନସ ପଏଣ୍ଟ ପାଇ ପାଇପାରିବେ। ଏହାସହିତ ହିରୋ ସ୍କୁଟର ଓ ମୋଟରସାଇକଲ କିଣି ଆକର୍ଷଣୀୟ ଉପହାର ପାଇ ପାରିବେ। ଯେକୌଣସି ପୁରୁଣା ଗାଡି ଏକ୍ସଚେଞ୍ଜ କରି କମ ସୁଧ ହାରରେ ଫାଇନାନ୍ସ ସୁବିଧା ପାଇପାରିବେ।

## ବିଧାୟକ ସ୍କୁଲ ପରିଦର୍ଶନ କଲେ, ମଧ୍ୟାହ୍ନ ଭୋଜନ ଖାଇଲେ

ଜେନାପୁର,୩।୩(ଡି.ଏନ୍,ଏ)

ଧର୍ମଶାଳା ନର୍ବାଚନ ମଣ୍ଡଳୀର ୧୧ ଓ ୧୨ନଂ ଜୋନର ୧୮ଗୋଟି ପଞ୍ଚାୟତରେ ଥିବା ୧୮ଟି ହାଇସ୍କୁଲକୁ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମଙ୍ଗଳବାର ପରିଦର୍ଶନ କରିବା ସହ ସମସ୍ତ ସ୍କୁଲର ବିଭିନ୍ନ ସମସ୍ୟା ପଚାରି ବୁଝିଛନ୍ତି। ପରେ ଜେନାପୁର ହାଇସ୍କୁଲରେ ପିଲାମାନଙ୍କ ସହ ମଧ୍ୟାହ୍ନ ଭୋଜନ ଖାଇଥିଲେ। ଆଗକୁ କିପରି ସ୍କୁଲ ଉନ୍ନତୀ ହୋଇପାରିବ ସେନେଇ ଉପସ୍ଥିତ ଜନସାଧାରଣ ଓ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ବ୍ଲକ ମଣ୍ଡଳ ଶିକ୍ଷାଧିକାରୀ ପ୍ରଫୁଲ୍ଲ ବେହେରା, ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସ୍ମିତା ରଥ, ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି, ବିଧାୟକ ପ୍ରତିନିଧି ନିର୍ମଳ ପ୍ରଧାନ, ବ୍ଲକର ସମସ୍ତ କନିଷ୍ଠ ଯନ୍ତ୍ରୀ, ସମସ୍ତ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ପିଲାମାନଙ୍କ ଗହଣରେ ବିଧାୟକ ମଧ୍ୟାହ୍ନ ଭୋଜନ କରୁଛନ୍ତି।

## ହଟିଲା ରାଜନୈତିକ ଦ୍ୱନ୍ଦ୍ୱ, ବିଧାୟିକା ସମ୍ବର୍ଦ୍ଧିତ

ରସୁଲପୁର,୩।୩(ଡି.ଏନ୍.ଏ.)



ବରୀ ବିଧାୟିକା ସୁନନ୍ଦା ଦାସଙ୍କ ପାଇଁ ବିଭିନ୍ନ ପଞ୍ଚାୟତରେ ରହିଥିବା ରାଜନୈତିକ ଦ୍ୱନ୍ଦ୍ୱ ହଟିବାରେ ଲାଗିଛି । ଏହାର ପ୍ରଭାବ ବରୀ ନିର୍ବାଚନ ମଣ୍ଡଳୀରୁ ରସୁଲପୁର ବ୍ଲକରେ ସାମିଲ ହୋଇଥିବା ୧୦ଗୋଟି ପଞ୍ଚାୟତରେ ଅନୁଭୂତ ହୋଇଛି। ବିଶେଷକରି ରାଉତରାପୁର ପଞ୍ଚାୟତରେ ରାଜନୈତିକ ଦ୍ୱନ୍ଦ୍ୱ ଲାଗି ରହିଥିବାରୁ ଏଠାରେ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିଲା। ତେବେ ବିଧାୟିକାଙ୍କ ପ୍ରଚେଷ୍ଟାରୁ ଏହି ଦ୍ୱନ୍ଦ୍ୱ ଏବେ ଦୂର ହୋଇଛି। ୯ମାସ ପରେ ଦଳୀୟ କର୍ମୀମାନେ ଗୋଟିଏ ମଞ୍ଚରେ ଏକତ୍ରିତ ହୋଇ ବିଧାୟିକା ଦାସଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି କ୍ରମରେ ମଙ୍ଗଳବାର ପଞ୍ଚାୟତର ରତପୁରସ୍ଥିତ ମୁକ୍ତେଶ୍ୱର ମନ୍ଦିର ପରିସରରେ ଏକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହିମା ସଙ୍ଗମ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ ବରୀ ବିଧାୟିକା ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ରେଣୁ ସେଠୀ, ସମିତିସଭ୍ୟା ଉମାରାଣୀ ମହାଳିକ, ପୂର୍ବତନ ଜିଲାପରିଷଦ ସଦସ୍ୟ ବେଣୁଧର ସାମଲ, ବିଜୟ ଦାସ, ସରପଞ୍ଚ ପ୍ରଫୁଲ୍ଲ କୁମାର ସାହୁ, ରବୀନ୍ଦ୍ର ସାହୁ, ମଦନ ମଲିକ, ନରହରୀ ସାହୁ, କୁଳମଣୀ ବିଶ୍ୱାଳ, ନାଏବ ସରପଞ୍ଚ କୈଳାସ ସାହୁ, ଯାଜପୁର ଜିଲା ଯୁବ ବିଜେଡି ସଭାପତି ପ୍ରଭାତ କୁମାର ପୃଷ୍ଟି ପ୍ରମୁଖ ଯୋଗଦେଇ ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟିକାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦଳର ସମସ୍ତ କର୍ମୀମାନେ ମନୋମାଳିନ୍ୟକୁ ଭୁଲି ଏକାଠି ହୋଇ କାମ କରିବାକୁ ନିବେଦନ କରିଥିଲେ।

## ୨୦୨୪ ସୁଦ୍ଧା ୩୦ ପ୍ରତିଶତ ବାୟୁ ପ୍ରଦୂଷଣ ହ୍ରାସ ଲକ୍ଷ୍ୟ

କଳିଙ୍ଗନଗର, ୩।୩ (ଡି.ଏନ୍.ଏ.)

### ଜନସାଧାରଣ ଓ ପ୍ରଶାସନର ମିଳିତ ସହଯୋଗ ଲୋଡ଼ା

ଓଡ଼ିଶାର କଳିଙ୍ଗନଗର ସମେତ ୭ଟି ସହର ସର୍ବାଧିକ ପ୍ରଦୂଷିତ ତାଲିକାରେ ରହିଛି। କଳିଙ୍ଗନଗର କଳକାରଖାନାରୁ ନିର୍ଗତ ବିଷାକ୍ତ ଧୂଆଁ ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ହୋଇଥିବା ବେଳେ ଏହା ସ୍ଥାନୀୟ ଅଧିବାସୀଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରୁଛି। ତେବେ ଜାତୀୟ ନିର୍ମଳ ବାୟୁ କାର୍ଯ୍ୟକ୍ରମ ମାଧ୍ୟମରେ ୨୦୨୪ ସୁଦ୍ଧା କଳିଙ୍ଗନଗରର ବାୟୁ ପ୍ରଦୂଷଣ ୩୦ ପ୍ରତିଶତ ହ୍ରାସ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏଥିପାଇଁ ସମସ୍ତଙ୍କ ମିଳିତ ସହଯୋଗ ଆବଶ୍ୟକ ବୋଲି ମଙ୍ଗଳବାର ଆୟୋଜିତ ସଚେତନତା କର୍ମଶାଳାରେ ବକ୍ତାମାନେ ମତ ଦେଇଛନ୍ତି। ଏନର୍ଜି ପଲିସି ଇନ୍‌ଷ୍ଟିଚ୍ୟୁଟ୍, ଚିକାଗୋ ବିଶ୍ୱବିଦ୍ୟାଳୟ ଓ ଟାଟା ଡେଭ୍‌ଲପମେଣ୍ଟ ସେଣ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟର ଅଧିକାରୀ ପ୍ରମୋଦ ବେହେରା କହିଥିଲେ, ବାୟୁ ପ୍ରଦୂଷଣ ରୋକିବା ପାଇଁ ବୋର୍ଡ, ସ୍ଥାନୀୟ ପ୍ରଶାସନ ଓ ଜନସାଧାରଣ ମିଳିତ ପ୍ରୟାସ କରିବା ଆବଶ୍ୟକ।

ବାୟୁ ପ୍ରଦୂଷଣର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ସମ୍ପର୍କରେ ଡ. ସୁଧାଂଶୁ ଶେଖର ବଳ କହିଥିଲେ, ବାୟୁ ପ୍ରଦୂଷଣ ଅନେକ ସ୍ୱାସ୍ଥ୍ୟ ସମସ୍ୟାର କାରଣ ଏହା ମଣିଷର ହାରାହାରି ବୟସକୁ କମାଇ ଦେଉଛି। ରଘୁନାଥ ଜୀଉ ଡିଗ୍ରୀ ମହାବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗ ମୁଖ୍ୟ ଡ. ସୁଧାମୟୀ ବେହୁରା କହିଥିଲେ, ସମ୍ମିଳିତ ଓ ନିରନ୍ତର ପ୍ରଚେଷ୍ଟା ବାୟୁ ପ୍ରଦୂଷଣ କମାଇବାରେ ସହାୟକ ହେବ। ରାଜ୍ୟ ନିୟନ୍ତ୍ରିତ ବୋର୍ଡର ପରିବେଶ ଯନ୍ତ୍ରୀ ଶୁଭଦର୍ଶିନୀ ଦାସ କହିଥିଲେ, ଜାତୀୟ ନିର୍ମଳ ବାୟୁ ଯୋଜନା ଅଧୀନରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ସମନ୍ୱୟରେ ପ୍ରଦୂଷଣ ରୋକିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତ କୁ ନିଆଯାଇଛି। ଚିକାଗୋ ବିଶ୍ୱବିଦ୍ୟାଳୟର ଏନର୍ଜିପଲିସି ଇନ୍‌ଷ୍ଟିଚ୍ୟୁଟ୍‌ର ବରିଷ୍ଠ ଡାଟା ବିଶ୍ଳେଷକ ଜ୍ୟୋତିରଞ୍ଜନ ନାୟକ କହିଥିଲେ, ଶିଳ୍ପାନୁଷ୍ଠାନଗୁଡିକର ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଓଡିଶା ସରକାର ଷ୍ଟାର ରେଟିଂ ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଜନସାଧାରଣଙ୍କୁ ନିଜ ଅଞ୍ଚଳରେ ଥିବା କାରଖାନାଗୁଡିକର ପରିବେଶ ପାରଦର୍ଶିତା ସମ୍ପର୍କରେ ସଚେତନ କରାଯିବ। ଜନସାଧାରଣ ସଚେତନ ହେଲେ ପ୍ରଦୂଷଣ ରୋକିବା ଦିଗରେ ଶିଳ୍ପାନୁଷ୍ଠାନଗୁଡିକ ଉପରେ ଚାପ ପ୍ରୟୋଗ କରିବାରେ ସହଜ ହେବ। କର୍ମଶାଳାରେ ଯାଜପୁର ରୋଡସ୍ଥିତ ବିଭିନ୍ନ ମହାବିଦ୍ୟାଳୟ, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜିର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ ପ୍ରଦୂଷଣ ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଏନର୍ଜି ପଲିସି ଇନ୍‌ଷ୍ଟିଚ୍ୟୁଟ୍, ଚିକାଗୋ ବିଶ୍ୱବିଦ୍ୟାଳୟର କମ୍ୟୁନିକେଶନ ଓ ଆଉଟ ରିଚ ସଂଯୋଜକ ପରମବ୍ରହ୍ମ ତ୍ରିପାଠୀ ସଭାକାର୍ଯ୍ୟ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

## ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କଲେ ଭାରପ୍ରାପ୍ତ ଜିଲାପାଳ

ଯାଜପୁର ଟାଉନ, ୩।୩ (ଡି.ଏନ୍ଏ.)





ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ ବୁଲି ଦେଖୁଛନ୍ତି।

ଯାଜପୁର ଭାରପ୍ରାପ୍ତ ଜିଲାପାଳ ଇନ୍ଦ୍ରମଣି ନାୟକ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟ ଅଚାନକ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ଶିଶୁ ଓ ପ୍ରସୂତି ୱାର୍ଡ ବୁଲି ଦେଖିବା ସହ ରୋଗୀ ଓ ଡାକ୍ତରମାନଙ୍କ ସହ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପରିସର ପରିଷ୍କାର ପରିଚ୍ଛନ୍ନ ଥିବାରୁ ଭାରପ୍ରାପ୍ତ ଜିଲାପାଳ ନାୟକ ସନ୍ତୋଷ ବ୍ୟକ୍ତ କରିଥିଲେ। ରୋଗୀ ପଞ୍ଜୀକରଣ ସ୍ଥଳରେ ଗାଡ଼ିଗୁଡିକ ରଖାଯାଇଥିବାରୁ ସୁରକ୍ଷା କର୍ମଚାରୀଙ୍କୁ ତାଗିଦ କରିଥିଲେ। ଏହା ପରେ ଆଉଟ ଡୋର, ଜେନେରାଲ ୱାର୍ଡ ବୁଲି ଦେଖିଥିଲେ। ଚିକିତ୍ସାଗତ ସୁବିଧା, ନିରାମୟ କେନ୍ଦ୍ରରେ ଔଷଧ ପ୍ରଦାନ, ଖାଦ୍ୟ ପ୍ରଦାନ ଆଦି ସମ୍ପର୍କରେ ରୋଗୀମାନଙ୍କୁ ପଚାରି ବୁଝିଥିଲେ। ପରେ ଲାବୋରେଟୋରୀକୁ ଯାଇ ବିଭିନ୍ନ ପରୀକ୍ଷା ନିରୀକ୍ଷା ସମ୍ପର୍କରେ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପଚାରି ବୁଝିଥିଲେ। ପରିଦର୍ଶନ ସମୟରେ ଭାରପ୍ରାପ୍ତ ଜିଲାପାଳ ନାୟକଙ୍କ ସହ ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## କାଉ ମଡ଼କ ଦେଖି କୁକୁଡ଼ା ଚାଷୀ ଆତଙ୍କିତ

କାଳିଆପାଣି,୩।୩(ଡିଏନଏ)

ସୁକିନ୍ଦା ବ୍ଲକ ଅଞ୍ଚଳରେ ଏବେ କାଉ ମଡ଼କ ଦେଖିବାକୁ ମିଳିଛି। ଫଳରେ କୁକୁଡ଼ା ଚାଷୀମାନେ ଅତଙ୍କିତ ହୋଇପଡ଼ିଛନ୍ତି। ଖରାଦିନ ଆରମ୍ଭରୁ ରୋଗ ବ୍ୟାପୀ ଥିବାରୁ ଖଣି ଅଞ୍ଚଳରେ କୁକୁଡ଼ା ଚାଷୀମାନେ ବାର୍ଡ଼ ଫ୍ଲୁ ରୋଗ ବ୍ୟାପୁଥିବା ଆଶଙ୍କାରେ ଆତଙ୍କିତ ହୋଇପଡ଼ିଛନ୍ତି। ଖଣି ଅଞ୍ଚଳର ପ୍ରତି ଗ୍ରାମରେ ଗୋଟିଏ ୨ଟି କୁକୁଡ଼ା ଫାର୍ମ ଥିବାବେଳେ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନେ ବ୍ୟାଙ୍କରୁ ଲୋନ ଆଣି କୁକୁଡ଼ା ଫାର୍ମ କରିଛନ୍ତି। କୁକୁଡ଼ା ଫାର୍ମରୁ ଆୟ କରି ପରିବାର ପ୍ରତିପୋଷଣରେ ସହଯୋଗ କରୁଥିବାବେଳେ ଏବେ ମୁଣ୍ଡରେ ଚଡ଼କ ପଡୁଥିବା କିଛି ସ୍ୱଂୟ ସହାୟକ ଗୋଷ୍ଠି ସଦସ୍ୟ ମାନେ ପ୍ରକାଶ କରିଛନ୍ତି। ଏହି କାଉ ମଡକ କାଳିଆପାଣି ଖଣି ନିଗମ କଲୋନୀ ପରିସରରେ ଦୁଇ ଦିନ ପୁର୍ବରୁ ୨ ଟି ଗେଷ୍ଟ ହାଉସ ନିକଟରେ ମରିପଡ଼ିଥିବା ବେଳେ ଆଜି ତାରେଣୀ ମନ୍ଦୀର ନିକଟରେ ଗୋଟିଏ କାଉ ମରିଛି। ସେପରି ଟାଟବଜାର ନିକଟରେ ୨ ରୁ ୩ ଟି କାଉ ମରିଥିବା ଦେଖିବାକୁ ମିଳିଛି। ଏହପରିସ୍ଥଳେ କୁକୁଡ଼ା ଚାଷି ମାନେ ବାର୍ଡ଼ଫ୍ଲୁ ହୋଇଥିବା ନେଇ ସନ୍ଦେହ ପ୍ରକାଶ କରି ଆତଙ୍କିତ ହୋଇପଡ଼ିଛନ୍ତି। କାଉ ମୃତ୍ୟୁ ସଂଖ୍ୟା ବଢୁଥିବାରୁ ସନ୍ଦେହ ଘନେଉଛି। ବିଶେଷ କରି ରାଁସୋଳ,କାଳିଆପାଣି ,କାଙ୍କଡ଼ପାଳ ,କଂସ,କୁହିକା,ପିମ୍ପୁଡ଼ିଆ ପଚାଂୟତର ୪୫ରୁ ଉର୍ଦ୍ଧ ଗ୍ରାମରେ ଏହିରୋଗ କାଉ ମରୁଥିବା ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି। ଏନେଇ ସୁକିନ୍ଦା ଭିଭିଏସ ସଖେନ୍ଦୁ ରାୟଙ୍କୁ ପଚାରିବାରୁ ସେ କୁହନ୍ତି କାଉ ମଡକ ହେଉଛି ସତ ହେଲେ କିଛି ଆତଙ୍କିତ ହେବା ଆବଶ୍ୟକ ନାହିଁ।

## ଦିବ୍ୟାଙ୍ଗ ପିଲାଙ୍କ ପାଇଁ ଆସିଥିବା ଟଙ୍କା ବାଟମାରଣା

ରସୁଲପୁର,୩।୩(ଡିଏନଏ)

■ଦର୍ଶନୀୟ ସ୍ଥାନ ବୁଲାଇବା ପାଇଁ ଆସିଥିଲା ଟଙ୍କା
■ପିଲାଙ୍କୁ ବୁଲାଇଲେନି ସମସ୍ତ ଦର୍ଶନୀୟ ସ୍ଥାନ

ଶିକ୍ଷା ସମ୍ବନ୍ଧୀୟ ଅନେକ ସମସ୍ୟା ଲାଗି ରହୁଥିବାବେଳେ ତାହାର ସମାଧାନ କରିବା ଓ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାକୁ ସଜାଡ଼ିବା ଦିଗରେ ସରକାର ପ୍ରୟାସ ଚଳାଇଛନ୍ତି। ସରକାର ନେଉଥିବା ପଦକ୍ଷେପ କେତେଜଣ ଦୁର୍ନୀତିଖୋର ଅଧିକାରୀ ତଥା କର୍ମଚାରୀଙ୍କ ଯୋଗୁ ଅଧୁରା ରହିଯାଉଛି। ଫଳରେ ଭୁଶୁଡ଼ି ପଡୁଛି ଶିକ୍ଷା ବ୍ୟବସ୍ଥା ଓ ଅନ୍ଧକାର ଆଡ଼କୁ ଠେଲି ହୋଇଯାଉଛି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ। ଏହାର ଅନେକ ଉଦାହରଣ ରହିଥିବାବେଳେ ସଦ୍ୟ ଆଉଏକ ଦୁର୍ନୀତି ପଦାକୁ ଆସିଛି। ଦିବ୍ୟାଙ୍ଗଙ୍କ ନିମନ୍ତେ ଆସିଥିବା ଟଙ୍କାକୁ ଶିକ୍ଷା ବିଭାଗ ଅଧିକାରୀ ବାଟମାରଣା କରିବା ଭଳି ଅଭିଯୋଗ ଆସିଛି। ଏହି ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୦ ପିଲାଙ୍କୁ ଏକ୍ସପୋଜର ଭିଜିଟ୍ କରିବା ପାଇଁ ଚୟନ କରାଯାଇଥିଲା। ଜଣେ ଦିବ୍ୟାଙ୍ଗ ପିଲା ପିଛା ଜଣେ ଅଭିଭାବକ ସମେତ ମୋଟ ୪୦ଜଣ ବ୍ୟକ୍ତି ଓ ୫ଜଣ ଆଇ ଭଲ୍ୟୁଣ୍ଟିଅର ଓ ସମ୍ବଳ ଅଧିକାରୀଙ୍କୁ ନେଇ ମୋଟ ୪୫ଜଣଙ୍କୁ ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିବା ପାଇଁ ସରକାରଙ୍କ ପକ୍ଷରୁ ଚିଠି ଆସିଥିଲା। ୧୮ ଫେବୃୟାରୀରେ ଏହି ବ୍ଲକର ଦିବ୍ୟାଙ୍ଗ ପିଲାଙ୍କୁ ନେଇ ଭୁବନେଶ୍ୱର ବୁଲିବାକୁ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିଲା। ଏଥିପାଇଁ ସରକାରଙ୍କ ପକ୍ଷରୁ ୩୦ହଜାର ଟଙ୍କା ବୟବରାଦ କରାଯାଇଥିଲା। ଏହି ଟଙ୍କାରେ ଦିବ୍ୟାଙ୍ଗ ପିଲାଙ୍କୁ ସକାଳେ ଓ ସନ୍ଧ୍ୟାରେ ଜଳଖିଆ ପାଇଁ ମୁଣ୍ଡ ପିଛା ୪୦ଟଙ୍କା, ମଧ୍ୟାହ୍ନ ଭୋଜନ ପାଇଁ ୮୦ଟଙ୍କା ଓ ରାତ୍ରୀ ଭୋଜନ ୬୦ଟଙ୍କା, ପିଲାଙ୍କୁ ବ୍ୟାଚ୍, ପାଣି, ଔଷଧ ଏବଂ ବିଭିନ୍ନ ଦର୍ଶନୀୟ ସ୍ଥାନରେ ଟିକେଟ କ୍ରୟ ପାଇଁ ମୁଣ୍ଡ ପିଛା ୧୨୦ଟଙ୍କା, ଦିବ୍ୟାଙ୍ଗଙ୍କୁ ଘରୁ ଆଣି ବ୍ଲକରେ ପହଞ୍ଚାଇବା ପାଇଁ ଜଣକ ପିଛା ୨୦ଟଙ୍କା, ବ୍ୟାନର ନିର୍ମାଣ ପାଇଁ ୬୦୦ଟଙ୍କା ଓ ବସ୍ ଭଡ଼ା ବାବଦକୁ ୧୫ହଜାର ଟଙ୍କା ହାରରେ ମୋଟ ୩୦ହଜାର ଟଙ୍କା ପ୍ରଦାନ କରାଯାଇ ଥିଲା। ଏହି ଅର୍ଥ ବ୍ୟୟକରି ବ୍ଲକ ସମ୍ବଳ ବ୍ୟକ୍ତି ଓ ଆଇ ଭଲ୍ୟୁଣ୍ଟରଙ୍କ ସହଯୋଗରେ ବିଦ୍ୟାର୍ଥୀମାନେ ରାଜ୍ୟ ସଂଗ୍ରହାଳୟ, ନନ୍ଦନକାନନ, ପଠାଣି ସାମନ୍ତ ପ୍ଲାନେଟୋରିୟମ, ବିଜ୍ଞାନ ପାର୍କ, ଜୟଦେବ ବାଟିକା, ଲିଙ୍ଗରାଜ ମନ୍ଦିର, ଖଣ୍ଡଗିରି, ଉଦୟଗିରି ଭଳି ଐତିହାସିକ ସ୍ଥାନ ବୁଲିବା ସହ ଆଉ କେତେକ ଶିକ୍ଷଣୀୟ ସ୍ଥାନ ବୁଲିବା ପାଇଁ ସରକାରୀ ଚିଠିରେ ଉଲ୍ଲେଖ କରାଯାଇଛି। ମାତ୍ର ଶିକ୍ଷା ବିଭାଗ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରିଛି। ପିଲାଙ୍କୁ କେବଳ ନନ୍ଦନକାନନ, ପଠାଣିସାମନ୍ତ ପ୍ଲାନେଟୋରିୟମ ଆଦି ଅଳ୍ପ କେତେକ ସ୍ଥାନ ବୁଲାଇବାକୁ ନିଆଯାଇଥିଲା। ପିଲା ଓ ସେମାନଙ୍କ ଅଭିଭାବକ କେବଳ ୨ଟି ଟିଫିନ୍ ଓ ମଧ୍ୟାହ୍ନ ଭୋଜନରେ ସୀମିତ ରହିଥିଲେ। ପିଲାଙ୍କ ଅଭିଭାବକଙ୍କୁ ସେମାନଙ୍କ ଘରୁ ବ୍ଲକକୁ ଆଣିବା ପାଇଁ ଉଦ୍ଦିଷ୍ଟ ଯାତାୟତ ଖର୍ଚ୍ଚ ପ୍ରଦାନ କରାଯାଇ ନାହିଁ। ଏକାଧିକ ସ୍ଥାନ ବୁଲିବା ସହ ବିଭିନ୍ନ ସ୍ଥାନରେ ଟିକେଟ କାଟିବା ବାବଦ ଅର୍ଥକୁ ଖର୍ଚ୍ଚ କରା ନ ଯାଇ ନ ଥିବାବେଳେ ବିଭିନ୍ନ ବାବଦରେ ଆସିଥିବା ଅର୍ଥକୁ କାଟ୍‌ଛାଟ କରାଯାଇ ଆତ୍ମସାତ୍ କରାଯାଇଥିବା ଖୋଦ୍ ବ୍ଲକ ଶିକ୍ଷାଧିକାରୀ ଦେଇଥିବା ବୟାନରୁ ସ୍ପଷ୍ଟ ହୋଇଛି। ଏ ଦିଗରେ ଅଭିଭାବକ ଓ ସହକର୍ମୀଙ୍କୁ ଅନ୍ଧାରରେ ରଖାଯାଇଥିବା ଜଣାଯାଇଛି। ଏ ଦିଗରେ ବ୍ଲକ ସମ୍ବଳ ବ୍ୟକ୍ତି ରାମକୃଷ୍ଣ ମହାକୁଡଙ୍କୁ ପଚାରିବାରୁ, ଏ ବିଷୟରେ ତାଙ୍କୁ ନ ପଚାରି ବ୍ଲକ ଶିକ୍ଷାଧିକାରୀଙ୍କୁ ପଚାରିବାକୁ କହିଥିଲେ। ଏହାପରେ ବ୍ଲକ ଶିକ୍ଷାଧିକାରୀ ସାନ୍ତନୁ କୁମାର କରଙ୍କୁ ପଚାରିବାରୁ, ଏହି କାର୍ଯ୍ୟକ୍ରମ ବାବଦକୁ ୨୦ହଜାର ଟଙ୍କା ଆସିଛି ବୋଲି କହିଥିଲେ।

## ସଂକ୍ଷେପରେ

### ଭାଗବତ ସପ୍ତାଙ୍ଗ ଆରମ୍ଭ



**ଦଶପଲ୍ଲା,୩।୩(ଡି.ଏନ.ଏ.)**-ଦଶପଲ୍ଲା ଏନଏସି ଗନ୍ତାଘର ପାଟଣା ଗ୍ରାମରେ ଥିବା ଶ୍ରୀଚୈତନ୍ୟ ଜୀଉଙ୍କ ମନ୍ଦିର ପରିସରରେ ଭାଗବତ ସପ୍ତାଙ୍ଗ ଏବଂ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିନିମନ୍ତେ କଳସରେ ଜଳ ଧରି ବହୁ ମହିଳା ଓ ପୁରୁଷ ଯଜ୍ଞସ୍ଥଳ ପର୍ଯ୍ୟନ୍ତ ଆସିଥିଲେ। ଦିନରେ ହୋମଯଜ୍ଞ ଚାଲିବା ସହ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଚାଲୁ ରହିଛି। ଉକ୍ତ କାର୍ଯ୍ୟକ୍ରମ ୯ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାଯାଇଛି।

### ଜନଗଣନା ପାଇଁ ଦିଆଗଲା ତାଲିମ

**ପୁରୀ ଅଫିସ,୩।୩:** ଦେଶରେ ଅଷ୍ଟମ ଜନଗଣନା ନିମନ୍ତେ ଜିଲାସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। ମଙ୍ଗଳବାର ପୁରୀ ଜିଲାସ୍ତରୀୟ ଅଧିକାରୀମାନଙ୍କ ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମକୁ ଜିଲାପାଳ ତଥା ଜିଲା ମୁଖ୍ୟ ଜନଗଣନା ଅଧିକାରୀ ବଲୱନ୍ତ ସିଂ ଉଦ୍‌ଘାଟନ କରିଛନ୍ତି। ପ୍ରାଥମିକ ଭାବେ ଗୃହ ଗଣନା ଏବଂ ଜାତୀୟ ଜନସଂଖ୍ୟା ପଞ୍ଜିକା ପାଇଁ କାର୍ଯ୍ୟ ଆରମ୍ଭ ହେବ। ଚଳିତ ମାସରେ ଅଧିକାରୀ ଓ କର୍ମଚାରୀଙ୍କୁ ତାଲିମ ପ୍ରଦାନ ପରେ ଆସନ୍ତା ମାସରେ ଗଣନା ପ୍ରକ୍ରିୟା ଆରମ୍ଭ କରାଯିବ। ଏଥିନିମନ୍ତେ ୫୫ଜଣ ଫିଲ୍ଡ ଟ୍ରେନର, ୩,୪୮୭ଜଣ ଜନଗଣନାକରୀ, ୫୮୦ ଜଣ ସୁପରଭାଇଜର ନିଯୁକ୍ତି ହେବେ। ସହରାଞ୍ଚଳରେ ବରିଷ୍ଠ ଅଧିକାରୀମାନଙ୍କୁ ଟାଉନ ଚାର୍ଜ ଅଫିସର ଏବଂ ବ୍ଲକସ୍ତରରେ ତହସିଲଦାରମାନଙ୍କୁ ଚାର୍ଜ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ବିଭିନ୍ନ ଫର୍ମ ଏବଂ ମୋବାଇଲ ଆପ୍‌ରେ ମଧ ତଥ୍ୟ ସଂଗ୍ରହ କରାଯିବ। ତଥ୍ୟ ସଂଗ୍ରହରେ ସ୍ୱଚ୍ଛତା ଓ ଗୋପନୀୟତା ବଜାୟ ରଖିବା ସହ ଏଥିସମ୍ବନ୍ଧୀୟ ସମସ୍ତ ନିୟମ କାନୁନ ସମ୍ପର୍କରେ ଏହି ତାଲିମ ଦିଆଯାଇଛି। ଘର ଗଣନା ଏବଂ ଜାତୀୟ ଜନସଂଖ୍ୟା ପଞ୍ଜିକା ତଥ୍ୟ ଅପ୍‌ଡେଟ ପରେ ଆସନ୍ତା ବର୍ଷ ଅର୍ଥାତ୍ ୨୦୨୧ ଫେବୃୟାରୀ ୯ରୁ ୨୮ ତାରିଖ ମଧରେ ଜନଗଣନା କାର୍ଯ୍ୟ ଶେଷ କରାଯିବ। ଏହି କାର୍ଯ୍ୟକ୍ରମରେ ଜିଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ପିଡି ଡିଆର୍‌ଡିଏ ବିଶାଳ ସିଂହ, ପୌରସଂସ୍ଥାର ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ଜନସଂଖ୍ୟା ପରିସଂଖ୍ୟାନ ଅଧିକାରୀ ବିଜୟ ସାହୁ, ସମଗ୍ର ଶିକ୍ଷା ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟମଞ୍ଜରୀ ଦାସ, ଡେପୁଟି କଲେକ୍ଟର ସୁମନ୍ତ କୁମାର କରଙ୍କ ସମେତ ତହସିଲଦାର ଏବଂ ବିଡିଓମାନେ ଉପସ୍ଥିତ ଥିଲେ।

# ଅଛନ୍ତି ୪ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, ଗର୍ଭବତୀ ପାଉନାହାନ୍ତି ସେବା

**ନୟାଗଡ ଅଫିସ, ୩।୩**

ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ନିୟୋଜିତ ଅଛନ୍ତି ୪ଜଣ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ । ହେଲେ ଗର୍ଭବତୀ ସେବା ପାଉ ନ ଥିବାର ଅଭିଯୋଗ ହୋଇ ଆସୁଛି। ମଙ୍ଗଳବାର ଜଣେ ଡାକ୍ତର କୋର୍ଟ କାର୍ଯ୍ୟରେ ଯାଇଥିଲେ । ଆଉ ଜଣେ ଡାକ୍ତର ଅପରେଶନ ଥିଏଟର ଦାୟିତ୍ୱରେ ଥିବାରୁ ଗର୍ଭବତୀଙ୍କୁ ଦେଖିବାକୁ ମନା କଲେ । ଏଭଳିସ୍ଥଳେ ପ୍ରାୟ ୨ ଘଣ୍ଟାର ଅପେକ୍ଷା ପରେ ୧୦ରୁ ଉର୍ଦ୍ଧ୍ୱ ମହିଳା ଫେରିଗଲେ । ପ୍ରଶ୍ନ ଉଠୁଛି ଯଦି ଜଣେ ସରକାରୀ କାର୍ଯ୍ୟରେ ଗଲେ ଅନ୍ୟମାନେ ସେବା ଯୋଗାଇବାରେ ଅସୁବିଧା ରହିଲା କେଉଁଠି । ଯାହାର ତଦନ୍ତର ଆବଶ୍ୟକତା ରହିଛି ।

### ବେସରକାରୀ ହସ୍ପିଟାଲ ଯିବାକୁ ଦିଆଯାଉଛି ପରାମର୍ଶ

ହାତଗୁଞ୍ଜା ନମିଳିଲେ ଗର୍ଭବତୀ ମହିଳାଙ୍କୁ ଗୁରୁତର ଦର୍ଶାଇ କଟକ, ଭୁବନେଶ୍ୱରକୁ ରେଫର କରାଯାଉଛି । ତେବେ କଟକ ଓ ଭୁବନେଶ୍ୱର ଯାଇ ଖର୍ଚ୍ଚାନ୍ତ ହେବା ଅପେକ୍ଷା ନୟାଗଡର ବେସରକାରୀ ହସ୍ପିଟାଲରେ ଚିକିତ୍ସିତ ହେବାକୁ ସେ ସମୟରେ ପରାମର୍ଶ ମିଳୁଛି । ଏଭଳି ଘଟଣା ନୟାଗଡ ପାଇଁ ନୂଆ ନୁହେଁ । ତେବେ ରବିବାରର ଏକ ଘଟଣା ଏହାର ଗୁମର ଫିଟାଇଛି । ଖଣ୍ଡପଡା ଖଳିସାହି ଅଞ୍ଚଳର ଜଣେ ଗର୍ଭବତୀଙ୍କର ଜଳୀୟ ଅଂଶ ଅଭାବ ରହିଛି ବୋଲି କୁହାଗଲା । ମା' ଓ ଛୁଆଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଗଲା । ଏପର କି ଏକ ନର୍ଦ୍ଦିଷ୍ଟ ନର୍ସିଂହୋମକୁଯିବାକୁପରାମର୍ଶଦିଆଗଲା । ହେଲେ ନର୍ସିଂହୋମରେ ସେପରି କିଛି ସମସ୍ୟା ଥିବା ଜଣା ପଡିନଥିଲା। ଅପରେଶନ ସଫଳ ହେଲା । ମା ଛୁଆ ଦୁହେଁ ସୁସ୍ଥ ଥିବା ଜଣାପଡିଛି । ଏ ନେଇ ସମ୍ପୃକ୍ତ ପ୍ରସୂତି ମହିଳା କହିଛନ୍ତି ମୋତେ ଯେପରି କୁହାଗଲା, ମୋ ପରିବାର ଭୟଭୀତ ହୋଇ ପଡିଲେ । ଅନାସ୍ଥେସିଆ ବିଶେଷଜ୍ଞ ନାହାନ୍ତି । ମା ଛୁଆଙ୍କ ଜୀବନ ପ୍ରତି ବିପଦ ବଢ଼ିବାରେ ଲାଗିଛି । ଏଭଳିସ୍ଥଳେ ଡାକ୍ତରଙ୍କ କହିବା ଅନୁଯାୟୀ ଆମେ ସେଇ ଅନୁସାରେ କାମ କରିବାକୁ ବାଧ ହୋଇଥିଲୁ ।

### ଫେରିଗଲେ ୧୦ରୁ ଉର୍ଦ୍ଧ୍ୱ ରୋଗୀ




### ରେଫର କଲେ ମିଳୁଛି କମିଶନ

ରେଫର କରିଦେଲେ ଡାକ୍ତରଙ୍କ ଘରେ ପହଞ୍ଚିଯାଉଛି କମିଶନ । ସରକାରୀ ଡାକ୍ତରଖାନାରେ ସେବା ଥାଇ ମଧ୍ୟ ରେଫର କରି ଦିଆଯାଉଛି । ରୋଗୀ ସ୍ୱଳ୍ପ ଖର୍ଚ୍ଚରେ ସେବା ନପାଇ ଖର୍ଚ୍ଚାନ୍ତ ହେବାକୁ ପଡୁଛି । ଏଭଳିସ୍ଥଳେ ଡାକ୍ତର ସରକାରୀ ଡାକ୍ତରଖାନାକୁ ରେଫର କରି ବେସରକାରୀ ହସ୍ପିଟାଲକୁ ଯିବାକୁ ପରାମର୍ଶ ଦେଉଛନ୍ତି । ବିଳମ୍ବ କଲେ ମା ଓ ଛୁଆଙ୍କ ଜୀବନ ପ୍ରତି ବିପଦର ସତର୍କତା ଅନେକଙ୍କୁ ଭୁବନେଶ୍ୱର ଓ କଟକ ଯିବା ପାଇଁ ଭୟ ସୃଷ୍ଟି କରାଉଛି । ଫଳରେ ନୟାଗଡରେ ଥିବା ନର୍ସିହୋମ ଯିବାକୁ ବାଧ୍ୟ ହେଉଛନ୍ତି। ଏଥିରେ ଦଲାଲ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି।

ଏନେଇ ସିଡିଏମଓ ଡା. ଶ୍ୱେତ ମହାପାତ୍ର କୁହନ୍ତି ମଙ୍ଗଳବାର ଜଣେ ଡାକ୍ତର କୋର୍ଟ ଡ୍ୟୁଟିରେ ଯିବା ପରେ ଅସୁବିଧା ହୋଇଥିଲା । ସେ ଅନ୍ୟ ଡାକ୍ତରଙ୍କୁ ନଜଣାଇ ଚାଲି ଯାଇଥିଲେ । ଏହା ଜଣା ପଡିବା ପରେ ଆଉ ଜଣେ ଡାକ୍ତରଙ୍କୁ ନିୟୋଜନ କରାଗଲା । ତେବେ ଏପରି ନକରିବାକୁ ତାଗିଦ୍ କରାଯାଇଛି । ସେହପରି ବେସରକାରୀ ହସପିଟାଲକୁ ଯେଉଁ ଡାକ୍ତର ପଠାଉଛନ୍ତି ତାହା ଜଣାପଡିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି ।

# କୁରାଳ ଚୋରି ଘଟଣାରେ ଜଣେ ଅଟକ

**ନୟାଗଡ ଅଫିସ/ଓଡ଼ଗାଁ, ୩।୩ (ସ୍ୱ.ପ୍ର.)**

ଓଡଗାଁ ଆଦର୍ଶ ଥାନା ଅଞ୍ଚଳରେ ଚୋରି ପରେ ଚୋରି ବଢୁଛି । ହେଲେ ପୋଲିସ ଚୋରର ଟେର୍ ପାଉ ନାହିଁ । ତେବେ କୁରାଳ ଚୋରି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ତଦନ୍ତ ଚାଲୁ ରଖିଛି । ଅନ୍ୟପକ୍ଷେ ଚୋର ଛାଡି ଯାଇଥିବା ଏକ ଚପଲକୁ ନେଇ ତଦନ୍ତ ଚାଲୁ ରଖିଛି । ପ୍ରକାଶ ଥାଉକି କୁରାଳ ଗ୍ରାମରେ ୧୫ ଦିନ ମଧରେ ୩ ଏବଂ ଘଷାଦେଇପୁର ଗ୍ରାମରେ ଗୋଟିଏ ଚୋରି ହୋଇଛି । ଗତ ଫେବୃୟାରୀ ୧୫ ତାରିଖ ରାତିରେ କୁରାଳ ବେଙ୍ଗେଇସାହିରେ ପାଣ୍ଡୁଚରଣ ଖଟେଇ ଓ ପ୍ରିୟଦର୍ଶନ ପ୍ରଧାନଙ୍କ ଘରୁ ଚୋରି ହୋଇଥିଲା । ଚୋରମାନେ ଲକ୍ଷାଧିକ ଟଙ୍କାର ସୁନା, ରୁପା ଗହଣା ସହିତ ନଗଦ ଟଙ୍କା ଲୁଟ କରିଥିଲେ । ସେହିଭଳି ୨୯ ତାରିଖରେ ପାଇକରା ସାହିର ବୈଜୟନ୍ତ ମଙ୍ଗରାଜଙ୍କ ଘରୁ ସୁନା, ରୁପା ଓ ନଗଦ ଟଙ୍କା ଚୋରି ହୋଇଥିଲା । ଅନ୍ୟପକ୍ଷେ ଫେବୃୟାରୀ ୨୫ ରାତିରେ କେନାଲ ଛକ ନିକଟସ୍ଥ ଘଷାଦେଇପୁର ଗ୍ରାମର ମନୋରମା ମହାପାତ୍ରଙ୍କ ଅନୁପସ୍ଥିତିରେ ଶିଡି ଘର ଭାଙ୍ଗି ୩ କବାଟ ଲୁଟ୍ ହୋଇଥିଲା ।

# ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ଶୁଭଖୁଣ୍ଟି ସ୍ଥାପନ



ଶୁଭଖୁଣ୍ଟି ସ୍ଥାପନ କରାଯାଉଛି।

**ଦଶପଲ୍ଲା,୩।୩(ଡି.ଏନ.ଏ.)**

ଦଶପଲ୍ଲାର ପ୍ରସିଦ୍ଧ ଲଙ୍କାପୋଡି ଯାତ୍ରା ମହୋତ୍ସବ ୨୧୮ବର୍ଷରେ ପଦାର୍ପଣ କରିଛି। ଚଳିତ ବର୍ଷ ଏହି ପ୍ରସିଦ୍ଧ ଲଙ୍କାପୋଡି ଯାତ୍ରା ପବିତ୍ର ଶ୍ରୀରାମନବମୀ ଠାରୁ ଆରମ୍ଭ ହେବାକୁ ଯାଉଛି। ଯାତ୍ରା ଉପଲକ୍ଷେ ମଙ୍ଗଳବାର ସମସ୍ତ ପ୍ରକାର ପୂଜାବିଧି କରାଯାଇ ମନ୍ଦିର ଠାରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ରମେଶ ଚନ୍ଦ୍ର ବେହେରା, ଯାତ୍ରା ପରିଚାଳନା କମିଟି ସଭାପତି ତଥା ତହସିଲଦାର ଅକ୍ଷୟ କୁମାର ଖେମୁଣ୍ଡି, ସାଧାରଣ ସମ୍ପାଦକ ପରେଶ କୁମାର ସିଂହଙ୍କ ସମେତ ପରିଚାଳନା କମିଟିର ସଦସ୍ୟ ଏବଂ ବହୁ କଳାକାର ବୃନ୍ଦ ଉପସ୍ଥିତ ଥିଲେ।

# ହତ୍ୟାକାରୀଙ୍କୁ ଗିରଫ, ମୃତକଙ୍କ ପରିବାରକୁ ସହାୟତା ଦାବି

**ନୟାଗଡ ଅଫିସ,୩।୩**

ଗଣିଆ ଥାନା ଆଡକଟା ପଞ୍ଚାୟତ ହଦପଶି ଗାଁରେ ଦଣ୍ଡଧର ବେହେରା(୪୩)ଙ୍କ ହତ୍ୟା ଘଟଣା ୪ ଦିନ ବିତିବାକୁ ବସିଛି । ପୋଲିସ ୨ଜଣଙ୍କୁ ଗିରଫ କରି ଚୁପ ହୋଇ ବସି ରହିଛି । ତେବେ ଅନ୍ୟ ଦୁଇ ଜଣ ଆହତ ହୋଇ ଚିକିତ୍ସିତ ହେଉଥିଲେ ମଧ ପୋଲିସ ଗିରଫ କରୁ ନାହିଁ । ଘଟଣା ସମ୍ପର୍କରେ ନୟାଗଡ ଜିଲାପରିଷଦ ଅଧକ୍ଷା ବୈଜୟନ୍ତୀମାଳା ମହାନ୍ତି ମୃତକଙ୍କ ପରିବାର ସଦସ୍ୟଙ୍କ ସହ ମଙ୍ଗଳବାର ଏସପିଙ୍କୁ ଭେଟି ଅନ୍ୟ ଦୁଇ ହତ୍ୟାକରୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି । ସିଡିଏମଓଙ୍କ ସହ ଆଲୋଚନା ପରେ ୨ ହତ୍ୟାକାରୀ ସୁସ୍ଥ ହୋଇଥିବା ଜଣାପଡିଛି । ସେହିପରି ମୃତକଙ୍କ ପରିବାର ସଦସ୍ୟଙ୍କୁ ସହାୟତା ନ ଯୋଗାଇଲେ ତାଙ୍କ ପରିବାର ବଞ୍ଚିବା କାଠିକର ପାଠ ହୋଇଯିବ ବୋଲି ଜିଲାପରିଷଦ ଅଧକ୍ଷା କହିଛନ୍ତି। ଦଣ୍ଡଧର ଆଇସକ୍ରିମ ବିକି ପରିବାର ଚଳାଉଥିଲେ । ୨ଝିଅ ଓ ୧ପୁଅ, ଶାଶୁଙ୍କୁ କିପରି ଚଳାଇବେ ତାହା ଦଣ୍ଡଧରଙ୍କ ପତ୍ନୀଙ୍କ ପକ୍ଷେ କଷ୍ଟକର ହୋଇପଡିଛି । ଘଟଣା ସମ୍ପର୍କରେ ତଦନ୍ତ କରି ଜିଲାପାଳଙ୍କୁ ଅବଗତ କରାଇବାକୁ ଜିଲାପରିଷଦ ଅଧକ୍ଷା ଏସପି ଦିଲ୍ଲୀପ କୁମାର ସାହାଣୀଙ୍କୁ ଅନୁରୋଧ କରିଛନ୍ତି । ମୃତକଙ୍କ ମା ପଞ୍ଚେଇଙ୍କ ଅଭିଯୋଗ ଅନୁସାରେ ପୂର୍ବ ଶତ୍ରୁତାକୁ ନେଇ ହଦପଶି ଗାଁର ଚରଣ ବେହେରା(୪୨) ଓ ଦଣ୍ଡଧର ବେହେରାଙ୍କ ମଧରେ ବିବାଦ ଲାଗି ରହିଥିଲା । ଶୁକ୍ରବାର ରାତିରେ ଚରଣଙ୍କ ନେତୃତ୍ୱରେ ନାରଣ ବେହେରା, ଗଦାଧର ବେହେରା, ମମତା ବେହେରା, ଅଇଲା ବେହେରା, କମଳା ବେହେରା ପ୍ରମୁଖ କାତି, ଠେଙ୍ଗା ଓ ମାରଣାସ୍ତ୍ର ଧରି ଦଣ୍ଡଧରଙ୍କୁ ଆକ୍ରମଣ କରିଥିଲେ । ଶ୍ୱଶୁର ବିକା ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ ଆକ୍ରମଣ କରିଥିଲେ । ଏଥିରେ ଦଣ୍ଡଧରଙ୍କ ମୃତ୍ୟୁ ଘଟିଥିଲା।



ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ଜିଲା ପରିଷଦ ଅଧକ୍ଷା ଓ ମୃତକଙ୍କ ପରିବାରବର୍ଗ।

### ହଦପଶି ହତ୍ୟା ଘଟଣା

# ଅଦିନିଆ ରଥଯାତ୍ରା ଉପରେ ରୋକ୍ ଲାଗି ଦାବି

**ପୁରୀ ଅଫିସ, ୩।୩**

ବିଭିନ୍ନ ସ୍ଥାନରେ ଅଦିନିଆ ରଥଯାତ୍ରା ଆୟୋଜନ କରାଯାଉଛି। ଏହାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛି ଶ୍ରୀମନ୍ଦିର ଶୁଦ୍ଧ ସୁଆର ନିଯୋଗ। ଏହା ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଯିବା ଏବଂ ଆୟୋଜନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର ବୋଲି ନିଯୋଗର ସାଧାରଣ ବୈଠକରେ ଦାବି କରାଯାଇଛି। ସଭାପତି ଗଣେଶ ଦାସମହାପାତ୍ର ଓ ସମ୍ପାଦକ ପ୍ରେମାନନ୍ଦ ଦାସମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଆସନ୍ତା ଏପ୍ରିଲରେ ନିଯୋଗ କର୍ମକର୍ତ୍ତା ନେପାଳ ପଶୁପତିନାଥ ମନ୍ଦିର ପରିଦର୍ଶନରେ ଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏଥିସହ ଅଦିନିଆ ରଥଯାତ୍ରାକୁ ବନ୍ଦ କରିବା ଲାଗି ପଦକ୍ଷେପ ନେବାକୁ ଶ୍ରୀମନ୍ଦିର ପ୍ରଶାସନ ଏବଂ ଗଜପତି ମହାରାଜାଙ୍କୁ ଦାବିପତ୍ର ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ କାର୍ତ୍ତିକ ଦାସମହାପାତ୍ର, ବିନାୟକ ଦାସମହାପାତ୍ର, ଅନାଥ ଦାସମହାପାତ୍ର, ହରିହର ଦାସମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଘରେ ପଶି ଲୁଟିନେଲେ ୫ଭରି ସୁନା, ୪ଲକ୍ଷ ଟଙ୍କା

**ପୁରୀ ଅଫିସ, ୩।୩ :**

କିଛି ଦିନର ନୀରବତା ପରେ ପୁଣି ପୁରୀ ସହରରେ ଆତଙ୍କ ଖେଳାଇଛନ୍ତି ଲୁଟେରା। ୫ଜଣ ମୁଖାଧାରୀ ଦୁର୍ବୃତ୍ତ ଟାଉନ ଥାନା ଅଧୀନ ରାଧାଗୋବିନ୍ଦ ଲେନସ୍ଥିତ ଏକ ଘରେ ପଶି ପରିବାର ଲୋକଙ୍କୁ ଭୟଭୀତ କରାଇ ସୁନାଗହଣା ଓ ୪ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଜାରି ରଖିଛି। ରାଧାଗୋବିନ୍ଦ ଲେନ୍‌ରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରିବା ସହ ୨ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ସୂଚନା ଅନୁଯାୟୀ, ସୋମବାର ରାତିରେ ୫ଜଣ ମୁଖାଧାରୀ ଦୁର୍ବୃତ୍ତ ରାଧାଗୋବିନ୍ଦ ଲେନ୍ ବାସିନ୍ଦା ମଧୁସୂଦନ ଜେନାଙ୍କ ଘର ଗ୍ରୀଲ୍ ତାଡ଼ିଘରେ ପଶିଥିଲେ। ମଧୁସୂଦନଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ସେ ବିରୋଧ କରିବାରୁ ତାଙ୍କ ନାତି ଏବଂ ବୋହୂଙ୍କ ବେକରେ ଖଣ୍ଡା ଓ ବନ୍ଧୁକ ଲଗାଇ ୫ଭରି ଓଜନର ସୁନା ଅଳଙ୍କାର, ନଗଦ ପ୍ରାୟ ୪ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଯିବାବେଳେ ଘରର ସମସ୍ତ ଆସବାବପତ୍ର ଫିଙ୍ଗାଫିଙ୍ଗି କରିବା ସହ ୨ଟି ବାଇକକୁ ଭାଙ୍ଗିଦେଇଥିଲେ। ଏନେଇ ପୋଲିସ ଆଗରେ କିଛି କହିଲେ ଅଥବା ଥାନାରେ ଅଭିଯୋଗ କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ମଧୁସୂଦନ ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି। ରାଧାଗୋବିନ୍ଦ ଲେନ୍ ଏକ ଜନଗହଳିପୂର୍ଣ୍ଣ ଅଞ୍ଚଳ। ଚାରିପଟେ ଘରଦ୍ୱାର ଖୁନ୍ଦି ହୋଇ ରହିଛି। ତେବେ ଏଭଳି ଏକ ଅଞ୍ଚଳରେ ଦୁର୍ବୃତ୍ତମାନେ ଜଣକ ଘରେ ପଶି ଲକ୍ଷାଧିକ ଟଙ୍କା ଲୁଟି ନେବା ଘଟଣାକୁ ନେଇ ପୋଲିସ ନିଷ୍କ୍ରିୟତାକୁ ସୂଚାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି।

# ପ୍ରସ୍ତାବିତ ଗୋଶାଳାକୁ ଗ୍ରାମବାସୀଙ୍କ ବିରୋଧ

**ପୁରୀ ଅଫିସ, ୩।୩**

ପୁରୀ ସଦର ବ୍ଲକ ଅନ୍ତର୍ଗତ ଛଇତନା ନିକଟ ପୁରୀ-କୋଣାର୍କ ମେରାଇନ ଡ୍ରାଇଭ ରୋଡ ବାଲିଘାଇ କଲେଜ ପାର୍ଶ୍ୱସ୍ଥ ଗୋଚର ଜମିରେ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତାବିତ ଗୋଶାଳା ନିର୍ମାଣକୁ ସ୍ଥାନୀୟ ଗ୍ରାମବାସୀ ତୀବ୍ର ବିରୋଧ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ଗ୍ରାମ କମିଟି ସଭାପତି ରାମଚନ୍ଦ୍ର ରାଉତଙ୍କ ନେତୃତ୍ୱରେ ରମେଶ ପ୍ରଧାନ, ବିଶ୍ୱନାଥ ପ୍ରଧାନ, ଗଙ୍ଗାଧର ପାଣି, ବ୍ରଜବନ୍ଧୁ ପ୍ରଧାନ, ଅର୍ଜୁନ ସେଠୀ, ଦୀନବନ୍ଧୁ ମୁଦୁଲି, ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ସମେତ ଶତାଧିକ ଲୋକ ଗୋଚର ଜମିରେ ପହଞ୍ଚିଥିଲେ। ସେମାନେ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ସହ ପାଚେରି ନିର୍ମାଣ ଲାଗି ଖୋଳାଯାଇଥିବା ଗାତକୁ ପୋତି ଦେଇଥିଲେ।

ସୂଚନା ଅନୁଯାୟୀ, ପୁରୀ-କୋଣାର୍କ ମେରାଇନ ଡ୍ରାଇଭ ରୋଡ଼ ବାଲିଘାଇ କଲେଜ ପାର୍ଶ୍ୱରେ ଛଇତନାର ୪୨ ଏକର ଗୋଚର ଜମି ରହିଛି। ଏହି ଜମିରେ ଛଇତନା ଅଞ୍ଚଳର ଗୋରୁ ବିଚରଣ କରନ୍ତି। ଦୀର୍ଘ ବର୍ଷ ଧରି ଏହି ସଂରକ୍ଷିତ ଗୋଚର ଜମି ଉପରେ ସ୍ଥାନୀୟ ଗ୍ରାମବାସୀ ନିର୍ଭର କରିଆସୁଛନ୍ତି। ଅନ୍ୟପଟେ ଶ୍ରୀକ୍ଷେତ୍ରରେ ବୁଲା ଗୋରୁଙ୍କ ଥଇଥାନ ଲାଗି ଜିଲା ପ୍ରଶାସନ ପକ୍ଷରୁ ଏହି ସ୍ଥାନରେ ଗୋଶାଳା ନିର୍ମାଣ ଲାଗି ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତିରେ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଠାରେ ଗୋଶାଳା ହେଲେ ସ୍ଥାନୀୟ ଲୋକଙ୍କ ଗୋରୁ, ଛେଳି କେଉଁଠି ଚରିବେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଜିଲା ପ୍ରଶାସନ ଗ୍ରାମବାସୀଙ୍କ ସହ କୌଣସି ଆଲୋଚନା ନ କରି ଏଭଳି ଏକପାଖିଆ ନିଷ୍ପତ୍ତି ଗ୍ରହଣ ଯୋଗ୍ୟ ନୁହେଁ। ଆମେ ଏହାକୁ ବିରୋଧ କରୁଛୁ ଏବଂ ଆବଶ୍ୟକ ପଡ଼ିଲେ ରାସ୍ତାକୁ ଓହ୍ଲାଇବୁ ବୋଲି ସେମାନେ କହିଛନ୍ତି।

# ରାସ୍ତାକଡ଼ରୁ ବାଲି ଖୋଳାକୁ ବିରୋଧ

**ପୁରୀ ଅଫିସ, ୩।୩**

ଗାଁ କୋଠ ଜାଗାରୁ ବାଲିଖୋଳି ରାସ୍ତା ନିର୍ମାଣ କରାଯାଉଛି। ଗାଁ ଲୋକେ ସମ୍ପୃକ୍ତ ଠିକାଦାରଙ୍କୁ ଏ ବିଷୟରେ କହିଲେ ମଧ ସେ କିଛି ଶୁଣୁନାହାନ୍ତି। ବରଂ ଯେଉଁ ନୂଆ ରାସ୍ତା ତିଆରି କରାଯାଉଛି ତାହାରି କଡ଼ରୁ ବାଲି ଖୋଳି ରାସ୍ତା କାମ କରୁଛନ୍ତି। ଏହାକୁ ପୁରୀ ସଦର ବ୍ଲକ ରାମେଶ୍ୱର ପାଟଣା ଗାଁ ଲୋକେ ବିରୋଧ କରିଛନ୍ତି। ରାସ୍ତା କାମ ନେଇଥିବା ଠିକାଦାର ସେମାନଙ୍କ କଥା ନ ଶୁଣି ଏପରି ବେନିୟମ କାର୍ଯ୍ୟ କରୁଥିବା ଗ୍ରାମ୍ୟ କମିଟି ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଅଭିଯୋଗ ଆଣିଛି। ନିୟମ ମୁତାବକ ଠିକାଦାର ନୂଆ ରାସ୍ତା ନିର୍ମାଣ ପାଇଁ ବାହାରୁ ବାଲି ଆଣିବା କଥା। କିନ୍ତୁ ସେ ତାହା ନ କରି ଏଭଳି ବେନିୟମ ଭାବେ ରାସ୍ତାକଡ଼ରୁ ବାଲି ଖୋଳୁଥିବା କମିଟି ପକ୍ଷରୁ କୁହାଯାଇଛି।

# ଫଳକରେ ସୀମିତ ପର୍ଯ୍ୟଟନସ୍ଥଳୀର ବିକାଶ

**ଅଜୟ କୁମାର ମହାରଣା**
**ଖଣ୍ଡପଡ଼ା,୩।୩**

ନୟାଗଡ଼ ଜିଲା ଖଣ୍ଡପଡା ବ୍ଲକ ଅନ୍ତର୍ଗତ ସିଧାମୂଳା ପଞ୍ଚାୟତରେ ରହିଛି ଗୋକୁଳାନନ୍ଦ ଜୀଉଙ୍କ ପୀଠ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ମହାନଦୀ ତଟରେ ଅବସ୍ଥିତ ଏହି ପୀଠ ଗତ କିଛିବର୍ଷ ଧରି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିବା ପୀଠର ଅସଜଡା ଭିତ୍ତିଭୂମିକୁ ନେଇ ପର୍ଯ୍ୟଟକଙ୍କ ମଧରେ ଅସନ୍ତୋଷ ସୃଷ୍ଟି ହୋଇଛି। ସେହିପରି ବିଭିନ୍ନ ସମୟରେ ଅଘଟଣ ଘଟୁଥିବାରୁ ପର୍ଯ୍ୟଟକଙ୍କ ସୁରକ୍ଷା ଦିଗରେ ପର୍ଯ୍ୟଟନ ବିଭାଗ ଧ୍ୟାନ ଦେବା ଜରୁରୀ ବୋଲି ସାଧାରଣରେ ମତପ୍ରକାଶ ପାଉଛି ।

ସରକାର ଏହି ପୀଠକୁ ୨୦୦୯ ଫେବୃୟାରୀ ୨୨ ତାରିଖରେ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରିଥିଲେ ହେଁ ଏହାର ବିକାଶ କେବଳ ମାର୍ବଲ ଫଳକରେ ସୀମିତ ରହିଛି। ନୟାଗଡ଼ ଓ କଟକ ଜିଲା ସୀମାନ୍ତ ମଧୁକର୍ଣ୍ଣିକା ପାହାଡ ଉପରେ ଥିବା ପୀଠ ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବନ ବିଭାଗ ପକ୍ଷରୁ ପ୍ରାୟ ୫୩ ଲକ୍ଷ ଟଙ୍କା ବ୍ୟୟରେ ବିପୁଳା ମହାନଦୀ ପରିବେଶ ପର୍ଯ୍ୟଟନ ପ୍ରକଳ୍ପ ନିର୍ମାଣ କରାଯାଇଛି। ୫ ଏକର ପରିମିତ ଆୟତନରେ ନିର୍ମିତ ଏହି ପ୍ରକଳ୍ପ ନଭେମ୍ବର ୨୦୧୦ରେ ଉଦ୍‌ଘାଟିତ ହୋଇଛି । ଏହି ସ୍ଥାନରେ ପର୍ଯ୍ୟଟକଙ୍କ ରହଣି ପାଇଁ ୨ ଗୋଟି କଟେଜ ଓ ଅନ୍ୟାନ୍ୟ ଗୃହ ନିର୍ମିତ ହୋଇଛି। ରାତ୍ର ରହଣି, ସିନେମା ଶୁଟିଂ, ଠାକୁର ଦର୍ଶନ, ବିବାହ ଓ ବଣଭୋଜି ପାଇଁ ପ୍ରତ୍ୟହ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସଂଖ୍ୟକ ପର୍ଯ୍ୟଟକେ ଏହି ପୀଠକୁ ଆସିଥାନ୍ତି । ଘାଟି ଉପରେ ଥିବା ପରିବେଶ ପର୍ଯ୍ୟଟନ ସ୍ଥଳକୁ ସର୍ପିଳ ରାସ୍ତା ପଡିଥିବାରୁ ଯାନବାହନ ଚଳାଚଳ ସମୟରେ ଚାଳକଙ୍କ ଅସାବଧାନତା ଯୋଗୁ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ପ୍ରାୟ ପ୍ରତିବର୍ଷ ଏଠାରେ ବିଭିନ୍ନ ଅଘଟଣ ଘଟୁଥିଲେ ମଧ ପ୍ରଶାସନ କିମ୍ବା ପର୍ଯ୍ୟଟନ ବିଭାଗ ପକ୍ଷରୁ କୌଣସି ସଚେତନତା ସୃଷ୍ଟି କରାଯାଉ ନାହିଁ। ମହାନଦୀରେ ନୌକାବିହାର ସାଙ୍ଗକୁ ପ୍ରାକୃତିକ ପରିବେଶରେ ସମୟ ବିତାଇବା ନିମନ୍ତେ ଶହ ଶହ ପର୍ଯ୍ୟଟକ ଆସୁଥିଲେ ମଧ ଆଲୋକୀକରଣ ଓ ପାନୀୟ ଜଳ ବ୍ୟବସ୍ଥା ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥାନ୍ତି। ଏହାଛଡା ପ୍ରତିବର୍ଷ ପ୍ରଳୟଙ୍କରୀ ବନ୍ୟା ସମୟରେ ମହାନଦୀ ପଠା ଖାଇବାରେ ଲାଗିଛି। ଏପରିସ୍ଥଳେ ନଦୀ ପଠାରେ ସୁରକ୍ଷା ବନ୍ଧ ନିର୍ମାଣ ସହ ପଥର ପ୍ୟାକିଂ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ଗୋକୁଳାନନ୍ଦ ପୀଠର ପ୍ରବେଶ ପଥ।

### ଗୋକୁଳାନନ୍ଦ ପୀଠ

- ଅସଜଡା ଭିତ୍ତିଭୂମିକୁ ନେଇ ପର୍ଯ୍ୟଟକଙ୍କ ମଧରେ ଅସନ୍ତୋଷ
- ପୀଠ ଓ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଧ୍ୟାନ ଦେଉନି ପ୍ରଶାସନ

### ସେମାନେ ଯାହା କୁହନ୍ତି



➢ ପୀଠରେ ପାନୀୟ ଜଳର କୌଣସି ବ୍ୟବସ୍ଥା ନାହିଁ। ଏଠାରେ ଥିବା ଏକମାତ୍ର ନଳକୂପ ଆବଶ୍ୟକତା ମେଣ୍ଟାଇପାରୁନି। ପୀଠର ସୁରକ୍ଷା ପାଇଁ ପ୍ରାଚୀର ନିର୍ମାଣ କରିବା ଆବଶ୍ୟକ। ପରିବେଶ ପରିଚ୍ଛନ୍ନତା ପାଇଁ ଡ଼ଷ୍ଟବିନ ରଖାଯିବା ସହିତ ସଫେଇ ବ୍ୟବସ୍ଥା କରିବା ଜରୁରୀ ହୋଇପଡିଛି । ନଦୀରେ ସ୍ନାନ ନ କରିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବା ଦରକାର।

*ଗଙ୍ଗାଧର ଷଡଙ୍ଗୀ, ଗୋକୁଳାନନ୍ଦ ଜୀଉ ମନ୍ଦିର ପରିଚାଳକ*



➢ ପର୍ଯ୍ୟଟକଙ୍କ ସୁରକ୍ଷା ତଥା ଆଇନଶୃଙ୍ଖଳା ରକ୍ଷା ଲାଗି ଏଠାରେ ଏକ ଫାଣ୍ଡି ସ୍ଥାପନ ସହ ପୀଠ ନିକଟରେ ଶୌଚାଳୟ ନିର୍ମାଣ କରାଯିବାର ଆବଶ୍ୟକତା ରହିଛି। ଅନ୍ୟ ପର୍ଯ୍ୟଟନସ୍ଥଳୀ ଭଳି ଏଠାରେ ପିଣ୍ଡି ତିଆରି କରାଯିବା ଦରକାର। ପୀଠର ବିକାଶ ନିମନ୍ତେ ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

*ସୁଶାନ୍ତ କୁମାର ମିଶ୍ର, ଖଣ୍ଡପଡ଼ା ବ୍ଲକ ବିଜେଡି ସଭାପତି*



➢ ଏହି ପରିବେଶ ପର୍ଯ୍ୟଟନସ୍ଥଳୀର ପରିଚାଳନା ପାଇଁ ସ୍ଥାନୀୟ ଅଞ୍ଚଳର ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ଦାୟିତ୍ୱ ପ୍ରଦାନ କରାଯିବ । ପର୍ଯ୍ୟଟକଙ୍କ ଲାଗି ପାର୍କ ସହିତ ଖେଳକୁଦ ପାଇଁ ଭଲି ଓ ବ୍ୟାଡ୍‌ମିଣ୍ଟନ ବ୍ୟବସ୍ଥା କରାଯାଉଛି । ଏହାଛଡା ସ୍ଥାନୀୟ ଅଞ୍ଚଳରୁ ୨/୩ ଜଣ ନେଚର ଗାଇଡ୍‌ଙ୍କୁ ନିଯୁକ୍ତି ଦିଆଯିବାର ପ୍ରସ୍ତାବ ରହିଛି, ଯେଉଁମାନେ ପର୍ଯ୍ୟଟକଙ୍କୁ ବିଭିନ୍ନ ସ୍ଥାନ ବୁଲାଇ ଜଙ୍ଗଲ, ଜନ୍ତୁ ଓ ପରିବେଶ ସମ୍ପର୍କରେ ସୂଚନା ଦେବେ । ସେହିପରି ବନ ବିଭାଗ ପକ୍ଷରୁ ୮ଟି ସାଇକେଲ ବନ୍ଦୋବସ୍ତ କରାଯାଇଛି, ଯେଉଁଥିରେ ପର୍ଯ୍ୟଟକ ବୁଲି ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ। ୨୦୧୮ ମସିହାରେ ଏହି ପରିବେଶ ପର୍ଯ୍ୟଟନସ୍ଥଳୀ ପାଇଁ ବ୍ୟୟବରାଦ ହୋଇଥିବା ୮୦ଲକ୍ଷ ଟଙ୍କାରୁ ମାତ୍ର ୪୪ ଲକ୍ଷ ଟଙ୍କା ମଞ୍ଜୁର ହୋଇ କାର୍ଯ୍ୟ ହୋଇଛି। ଅବଶିଷ୍ଟ ଟଙ୍କା ମଞ୍ଜୁର ହୋଇପାରିଲେ ପୀଠର ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ ହୋଇପାରନ୍ତା।

*ଧନରାଜ ଏଚ୍‌ଡି, ବନଖଣ୍ଡ ଅଧିକାରୀ, ନୟାଗଡ଼*